ବର୍ଷ-୨୬, ସଂଖ୍ୟା-୫୩
ଭୁବନେଶ୍ୱର
୨୩, ଫେବୃଆରୀ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 53
Bhubaneswar
23 February, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ନିରାଶ କଲେ ଭାରତୀୟ ବ୍ୟାଟର



# ଝାରସୁଗୁଡାରେ ରକ୍ତାକ୍ତ ରାଜପଥ

## ଟ୍ରଲର-ବୋଲେରୋ ମୁହାଁମୁହିଁ ଧକ୍କା, ୫ ପୁଲିସ କର୍ମଚାରୀ ମୃତ ଓ ୩ ଗୁରୁତର



ଝାରସୁଗୁଡା: ୨୨।୨(ମହାଭାରତ): ଝାରସୁଗୁଡା ସଦର ଥାନା ସମ୍ମୁଖରେ ଆଜି ଭୋର ସମୟରେ ଘଟିଥିବା ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗାମୀ ଟ୍ରଲର ଓ ପୁଲିସ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ହିଁ ସେମାନଙ୍କ ପ୍ରାଣହାନି ଘଟିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି।

ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଭୋର ସକାଳେ ବିପରୀତ ଦିଗରୁ ଆସୁଥିବା ଏକ ବେପରୁଆ ଟ୍ରଲର ସହ ପୁଲିସ ବୋଲେରୋର ପ୍ରଚଣ୍ଡ ଧକ୍କା ହୋଇଥିଲା। ଧକ୍କାର ତୀବ୍ରତା ଏପରି ଥିଲା ଯେ ବୋଲେରୋ ଗାଡିଟି ସମ୍ପୂର୍ଣ୍ଣ ଭାବେ ଚୁରମାର ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ପୁଲିସ ଦଳ ଘଟଣାସ୍ଥଳରେ ପହଞ୍ଚି ଗାଡି ଭିତରୁ ମୃତଦେହଗୁଡିକୁ ବାହାର କରିଥିଲେ। ଆହତମାନଙ୍କୁ ତୁରନ୍ତ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ମୃତକମାନଙ୍କଧରେ କାଶୀରାମ ଭୋଇ (ଏପିଆର), ନିରଞ୍ଜନ କୁଜୁର (ଡ୍ରିଲ ସବ-ଇନ୍ସପେକ୍ଟର), ଦେବଦତ୍ତ ସା (ଏପିଆର), ଲିଙ୍ଗରାଜ ଧୁରୁଆ (ଏପିଆର ହାବିଲଦାର), ୫. ଭକ୍ତବନ୍ଧୁ ମିଞ୍ଜ (ହୋମ ଗାର୍ଡ)। ଆହତମାନେ ହେଲେ ଦୁବରାଜ ମିରିଗ (ଇଚଜ), ଆକାଶ ନାଏକ (ଇଚଜ) ଓ ରାଜୀବ ଭରସାଗର (ସର୍ଜେଂଟ)। ଖବର ପ୍ରସାରିତ ହେବା ପରେ ପୁଲିସ ବିଭାଗ ଓ ସମଗ୍ର ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି। ଉଚ୍ଚପଦସ୍ଥ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଟ୍ରଲର ଚାଳକଙ୍କୁ ଅଟକ ରଖାଯାଇଥିବାବେଳେ ଗାଡିଟିକୁ ଜବତ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଝାରସୁଗୁଡ଼ାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମର ସଦ୍‌ଗତିକାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି। ଓମ୍ ଶାନ୍ତି।

## ପରସ୍ପରକୁ ଗୁଳି କଲେ ପୋଲିସ ଅଧିକାରୀ, ୨ ମୃତ

ଚଣ୍ଡିଗଡ଼, ୨୨।୨(ମହାଭାରତ): ଭାରତ-ପାକିସ୍ତାନ ସୀମାରେ ଥିବା ପଞ୍ଜାବର ଗୁରୁଦାସପୁରରେ ଗତକାଲି ରାତିରେ ଦୁଇ ପୋଲିସ କର୍ମଚାରୀଙ୍କ ମଧ୍ୟରେ ସଂଘର୍ଷ ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇଥିଲା। ଦୁଇ ପୋଲିସ କର୍ମଚାରୀ ପରସ୍ପରକୁ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣା ପୋଲିସ ବିଭାଗ ଭିତରେ ବ୍ୟାପକ ଆଲୋଚନା ହେଉଛି। ପୋଲିସ ଏହି ଘଟଣାର ତଦନ୍ତ କରୁଛି।

ପୋଲିସର ସୂଚନା ଅନୁଯାୟୀ, ଅଶୋକ କୁମାର ଏବଂ ଗୁରନାମ ସିଂହ ଭାରତ-ପାକିସ୍ତାନ ସୀମା ସଂଲଗ୍ନ ଡୋରାଙ୍ଗଲା ଥାନା ଅଂଚଳର ଆଦିୟାଂ ଗ୍ରାମରେ ଥିବା ପୋଲିସର ଚେକ୍ ପଏଂଟରେ ନିୟୋଜିତ ଥିଲେ। ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଗୁଳିଚାଳନା ହୋଇଥିଲା। ଗୁଳିକାଣ୍ଡ ଶୁଣି ଗ୍ରାମବାସୀ ଓ ପଥଚାରୀମାନେ ଏକାଠି ହୋଇ ପୋଲିସକୁ ସୂଚନା ଦେଇଥିଲେ। ଷ୍ଟେସନ୍ ଇନଚାର୍ଜ, ଡିଏସପି ଏବଂ ଏସଏସପିଙ୍କ ସମେତ ଅନେକ ଅଧିକାରୀ ଘଟଣାସ୍ଥଳରେ ପହଂଚିଥିଲେ। ସେମାନଙ୍କ ମୃତ୍ୟୁର ସଠିକ୍ କାରଣ କିମ୍ବା ସଂଘର୍ଷର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ପୋଲିସ ଏ ସମ୍ପର୍କରେ ଗାଁ ଲୋକଙ୍କୁ ମଧ୍ୟ ପଚରାଉଚରା କରୁଛି। ଉଭୟ ପୋଲିସ କର୍ମଚାରୀଙ୍କ ମୃତଦେହକୁ ହେପାଜତକୁ ନିଆଯାଇଛି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

# ଯୁବଚାଷୀ ହିରୋଦଙ୍କ ଅଭିନବ ମଡେଲକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୨।୨(ମହାଭାରତ): ମନ କି ବାତ'ର ୧୩୧ତମ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ ମଡେଲକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଆମ କୃଷକମାନେ କେବଳ ଅନ୍ନଦାତା ନୁହଁନ୍ତି। ସେମାନେ ମାଟି ମା'ର ପ୍ରକୃତ ସାଧକ। ମାଟି କିପରି ସୁନା ହେବ, ସେକଥା ଆମେ କୃଷକଙ୍କଠାରୁ ଶିଖିବା। ଆଜିର କୃଷକ ତ ପରମ୍ପରା ଏବଂ ଟେକ୍ନୋଲଜି ଉଭୟଙ୍କୁ ସାଥିରେ ନେଇ ଚାଲେ। ମୁଁ ବହୁତ ଖୁସି ଯେ ଆମ କୃଷକମାନେ କେବଳ ଉତ୍ପାଦନ କରୁନାହାନ୍ତି, ତତସହିତ ସେମାନେ ଗୁଣାତ୍ମକତା, ମୂଲ୍ୟ ମିଶ୍ରଣ ଏବଂ ନୂଆ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଓଡ଼ିଶାର ଯୁବଚାଷୀ ହିରୋଦ ପଟେଲଙ୍କ କଥା ବାସ୍ତବିକ ବହୁତ ପ୍ରେରଣାଦାୟୀ। ପ୍ରାୟ ଆଠବର୍ଷ ପୂର୍ବରୁ ସେ ତାଙ୍କ ବାପା ଶିବଶଙ୍କର ପଟେଲଙ୍କ ସହିତ ପାରମ୍ପରିକ ଶୈଳୀରେ ଧାନଚାଷ କରୁଥିଲେ। କିନ୍ତୁ ସେ ଚାଷକାର୍ଯ୍ୟକୁ ଗୋଟିଏ ନୂତନ ଦୃଷ୍ଟିରେ ଦେଖିବା ଆରମ୍ଭ କଲେ। ସେ ନିଜ ଜମିରେ ଥିବା ପୋଖରୀ ଉପରେ ଗୋଟିଏ ଶକ୍ତ ଜାଲି ଢାଂଚା ତିଆରି କଲେ। ସେଠାରେ ଲତାଜାତୀୟ ପରିବା ଲଗାଇଲେ। ପୋଖରୀ ଚତୁଃଦିଗରେ କଦଳୀ, ପିଜୁଳି ଓ ନଡ଼ିଆ ଗଛ ଲଗାଇଲେ ଏବଂ ପୋଖରୀରେ ମତ୍ସ୍ୟଚାଷ ମଧ୍ୟ ଆରମ୍ଭ କଲେ। ଏହାଦ୍ୱାରା ଗୋଟିଏ ଜାଗାରେ ପାରମ୍ପରିକ ଚାଷ ହେବା ସହିତ ପରିବା, ଫଳ ଓ ମାଛଚାଷ ମଧ୍ୟ ହେଲା। ଏଥିରୁ ଜମିର ଉତ୍ତମ ଉପଯୋଗ ହେଲା, ପାଣି ସଂଚିତ ହେଲା ଏବଂ ଅତିରିକ୍ତ ଆମଦାନୀ ମଧ୍ୟ ହେଲା। ଏବେ, ଦୂରଦୂରାନ୍ତରୁ କୃଷକମାନେ ତାଙ୍କର ମଡେଲ ଦେଖିବାକୁ ଆସୁଛନ୍ତି।



ସେହିପରି କେରଳର ତ୍ରିସୂର ଜିଲ୍ଲାରେ ଗୋଟିଏ ଗାଁ ଅଛି ଯୋଉଠି ଗୋଟିଏ କ୍ଷେତରେ ୫୭୦ କିସମର ଧାନ ଲାଗିଛି। ଏଥିରେ ସ୍ଥାନୀୟ କିସମର ଧାନ ମଧ୍ୟ ଅଛି। ହର୍ବାଲ ଅଛି ଓ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରଜାତିର ଧାନ ମଧ୍ୟ ରହିଛି। ଏହା କେବଳ ଚାଷ ନୁହେଁ, ମଞ୍ଜିର ପରମ୍ପରାକୁ ସଂରକ୍ଷିତ କରିବାର ମହାଅଭିଯାନ। ଆମ କୃଷକମାନଙ୍କର ପରିଶ୍ରମର ପ୍ରଭାବ ପରିସଂଖ୍ୟାନରେ ମଧ୍ୟ ଦେଖାଯାଉଛି। ବର୍ତ୍ତମାନ ବିଶ୍ୱର ସର୍ବବୃହତ ଧାନ ଉତ୍ପାଦକ ଦେଶ ହେଉଛି ଭାରତ। ୧୫ କୋଟି ଟନରୁ ଅଧିକ ଧାନର ଉତ୍ପାଦନ ଗୋଟିଏ ଛୋଟିଆ ଉପଲବ୍ଧି ନୁହେଁ। ଆମେ ନିଜର ଆବଶ୍ୟକତା ପୂର୍ଣ୍ଣ କରୁଛୁ ଏବଂ ଦୁନିଆର ଫୁଡ୍ ବାସ୍କେଟରେ ମଧ୍ୟ ଆମର ଯୋଗଦାନ ରହିଛି।

ଏବେ କୃଷି ଉତ୍ପାଦନ ଆକାଶମାର୍ଗ ଦ୍ୱାରା ଅତି ସହଜରେ ବିଦେଶରେ ପହଂଚାଯାଇପାରୁଛି। କର୍ଣ୍ଣାଟକର ନଞ୍ଜନଗୁଡ଼ କଦଳୀ, ମୈସୁରର ପାନପତ୍ର ଏବଂ ଇଣ୍ଡି ଲେମ୍ବୁକୁ ମାଳଦ୍ୱୀପ ପଠାଯାଉଛି। ଏହି ଉତ୍ପାଦଗୁଡ଼ିକ ନିଜର ସ୍ୱାଦ ଓ ଗୁଣବତ୍ତା ପାଇଁ ପରିଚିତ ଏବଂ ଏହାକୁ ଜିଓ ଟ୍ୟାଗ୍ ମଧ୍ୟ ମିଳିଛି। ଆଜିର କୃଷକ ଗୁଣବତ୍ତା ଚାହେଁ, ପରିମାଣ ମଧ୍ୟ ବଢ଼ାଏ ଏବଂ ନିଜର ପରିଚୟ ମଧ୍ୟ ସୃଷ୍ଟି କରିଥାଏ।

ନରେନ୍ଦ୍ର ମୋଦି ତାଙ୍କ 'ମନ କି ବାତ' କାର୍ଯ୍ୟକ୍ରମରେ ଦିଲ୍ଲୀରେ ଆୟୋଜିତ ଗ୍ଲୋବାଲ୍ ଏଆଇ ଇମ୍ପାକ୍ଟ ସମିଟ୍‌ରେ ପ୍ରଦର୍ଶିତ ଦୁଇଟି ଏମିତି ପଦାର୍ଥର ବିଶେଷ ଉଲ୍ଲେଖ କରିଛନ୍ତି, ଯାହା ବିଶ୍ୱର ନେତାମାନଙ୍କୁ ପ୍ରଭାବିତ କରିଥିଲା। ଏହାମଧ୍ୟରୁ ଗୋଟିଏ ଉତ୍ପାଦ ଏଆଇ ମାଧ୍ୟମରେ ପଶୁ ଚିକିତ୍ସା ଓ ଡାଏରୀ ପରିଚାଳନା ସହିତ ସମ୍ବନ୍ଧିତ ଥିଲା। ଅନ୍ୟଟି ଏଆଇ ସହାୟତାରେ ଭାରତର ପ୍ରାଚୀନ ପାଣ୍ଡୁଲିପି ଓ ଜ୍ଞାନର ସୁରକ୍ଷା ସହିତ ଜଡିତ ଥିଲା। ପ୍ରଧାନମନ୍ତ୍ରୀ ରବିବାର 'ମନ କି ବାତ'ର ୧୩୧ତମ ଏପିସୋଡରେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦେଶ ଓ ଦେଶବାସୀଙ୍କ ସଫଳତାକୁ ସାମ୍ନାକୁ ଆଣିବାରେ ଏକ ସଶକ୍ତ ମାଧ୍ୟମରେ ପରିଣତ ହୋଇଛି। ଏହା ଏମିତି ଉଦ୍ୟମ ଓ ନବୀନତାକୁ ପରିଚୟ ଦେଇଥାଏ, ଯାହା ଭାରତର କ୍ଷମତା ଓ ପ୍ରତିଭାକୁ ପ୍ରଦର୍ଶନ କରେ।

## ସୁରକ୍ଷାକର୍ମୀଙ୍କ ଗୁଳିରେ ଦୁଇ ଜଣ ନକ୍ସଲ ମୃତ

କନ୍ଧମାଳ, ୨୨।୨(ମହାଭାରତ): କନ୍ଧମାଳ ଜିଲ୍ଲାର ଘଞ୍ଚ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟ ବେଳେ ନିହତ ହୋଇଛନ୍ତି ଦୁଇ ଜଣ ନକ୍ସଲ। ମୃତ ନକ୍ସଲଙ୍କ ମଧ୍ୟରେ ଜଣେ ମହିଳା ଅଛନ୍ତି। ନିହତ ନକ୍ସଲ ଦ୍ୱୟ କେକେବିଏନ୍ ଡିଭିଜନର। ଜଣେ ଏରିଆ କମିଟି ସଦସ୍ୟ ଓ ଅନ୍ୟ ଜଣେ ପାର୍ଟି ମେମ୍ବର ବୋଲି ଜଣାପଡିଛି। କନ୍ଧମାଳ ଜିଲ୍ଲା ରାଇକିଆ ଥାନା କରଡ଼ା ସଂରକ୍ଷିତ ଜଙ୍ଗଲ ନଣ୍ଡାବାଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଏହି ଗୁଳି ବିନିମୟ ହୋଇଛି। ନକ୍ସଲଙ୍କ କେକେବିଏନ୍ ଡିଭିଜନର ଅଷ୍ଟମ ବାଟାଲିଆନର ଏକ କ୍ୟାମ୍ପ ସେହି ଜଙ୍ଗଲରେ ଚାଲିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ଗତ ୨୦ ତାରିଖରୁ କନ୍ଧମାଳ ପୁଲିସର ଏସଓଜି ଟିମ୍ ସେହି ଜଙ୍ଗଲରେ କମ୍ବିଂ ଅପେରସନ ଆରମ୍ଭ କରିଥିଲା। ଆଜି ନଣ୍ଡାବାଡ଼ି ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ନକ୍ସଲଙ୍କ ସହିତ ସୁରକ୍ଷାକର୍ମୀଙ୍କର ମୁହାଁମୁହିଁ ହୋଇଥିଲା। ଗୁଳିବିନିମୟ ବେଳେ ଦୁଇ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ଛତ୍ରଭଙ୍ଗ ଦେଇ ଘଞ୍ଚ ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ଗୁଳି ବିନିମୟ ବନ୍ଦ ହେବା ପରେ ଏସଓଜି ଟିମ୍ ଜଙ୍ଗଲରେ ସର୍ଚ୍ଚ ଅପେରସନ ଜାରି ରଖିଥିବା ସୂଚନା ମିଳିଛି।

# ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରେ ଲଜ୍ଜା

ଭୁବନେଶ୍ୱର/କେନ୍ଦ୍ରାପଡ଼ା, ୨୨।୨(ମହାଭାରତ.)ଡ: ଭୁବନେଶ୍ୱରରେ ଆୟକର ଭବନରେ ଜିଏସ୍‌ଟିର ଯୁଗ୍ମ କମିଶନର ଭାବେ କାର୍ଯ୍ୟରତ ଜଣେ ଭାରତୀୟ ରାଜସ୍ୱ ସେବା ଅଫିସରଙ୍କ ବିରୋଧରେ ଆସିଛି ଦୁଷ୍କର୍ମ ଅଭିଯୋଗ। ସତସଙ୍ଗ ବିହାରରେ ଥିବା ସରକାରୀ କ୍ୱାର୍ଟର୍ସରେ ଏହି ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ଗତ ୧୫ ତାରିଖରେ ଏ ନେଇ ଭୁବନେଶ୍ୱରର ସହିଦ ନଗର ଥାନାରେ ଅଭିଯୋଗ ହୋଇଛି।ଯୁବତୀଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଯୁବତୀଙ୍କ ଡାକ୍ତରୀମାଇନା କରାଯିବା ସହିତ ତାଙ୍କର ବୟାନ ରେକର୍ଡ କରାଯାଇଛି।ଅଭିଯୋଗ ଅନୁସାରେ, ଆଇଆରଏସ୍ ଅଫିସର ଜଣଙ୍କ ଯୁବତୀଙ୍କୁ ସରକାରୀ ବାସଭବନରେ ଦୁଷ୍କର୍ମ କରିବା ସହିତ ଏହାକୁ ମୋବାଇଲ ଫୋନ୍‌ରେ ରେକର୍ଡ କରି ଭାଇରାଲ କରିଦେବାକୁ ଧମକ ଦେଇଛନ୍ତି।

ପୁଲିସ୍ ଏହି ଆଇଆରଏସ୍ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛି। କିନ୍ତୁ ଏଯାଏ ତାଙ୍କ ସହିତ ଯୋଗାଯୋଗ କରିପାରିନି ପୁଲିସ। ସେ ଧରାଛୁଆଁ ଦେଉନାହାନ୍ତି। ମାମଲା ରୁଜୁ ହେବା ଦିନଠାରୁ ଏହି ଅଫିସର ଜଣଙ୍କ ଅଫିସ ଆସୁ ନାହାନ୍ତି। ତେବେ ପୁଲିସ ତାଙ୍କୁ ଏପର୍ଯ୍ୟନ୍ତ ଫେରାର ବୋଲି ଘୋଷଣା କରିନି। ଏହି ଘଟଣାର ତଦନ୍ତ ପାଇଁ କମିଶନରେଟ ପୁଲିସ ପକ୍ଷରୁ ଜଣେ ଉଚ୍ଚପଦସ୍ଥ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପୁଲିସ୍ ଏବେ ପ୍ରମାଣ ଯୋଗାଡ କରିବାରେ ଲାଗିଛି। ପ୍ରମାଣ ମିଳିବା ପରେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସମ୍ଭାବନା ରହିଛି।

### ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେଲା ପଞ୍ଚାମୁଣ୍ଡାଇ ଘଟଣା

କେନ୍ଦ୍ରାପଡା ଜିଲ୍ଲା ରାଜକନିକାରେ ଲଜ୍ୟା ଘଟଣାରେ ଏବେ କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ନିର୍ଦ୍ଦେଶ ରହିଛି। ସପ୍ତମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଘଟଣାକୁ ଗୁରୁତର ସହ ନେଇ ଏହାର ତଦନ୍ତ ଆରମ୍ଭ କରିଛି କ୍ରାଇମବ୍ରାଞ୍ଚ। ନିର୍ଦ୍ଦେଶ ପାଇବା ପରେ କ୍ରାଇମବ୍ରାଞ୍ଚ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହାର ତଦନ୍ତ ହେବ। ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସ୍ୱତନ୍ତ୍ର ଚଟ ନିୟୋଜିତ କରାଯିବ। ଏହି ମାମଲାରେ ୪ଜଣ ଶିକ୍ଷକ ଓ ଜଣେ ପିଅନ ଗିରଫ ହୋଇଛନ୍ତି। ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଗତକାଲି ରାତିରେ ଘଟଣାରେ ସହଯୋଗ କରିଥିବା ଶିକ୍ଷୟିତ୍ରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ, ଆଜି ସକାଳୁ ଅନ୍ୟ ୩ ଶିକ୍ଷକ ଏବଂ ଜଣେ ପିଅନକୁ ମଧ୍ୟ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି, ଶିକ୍ଷକ ଚନ୍ଦନ କୁମାର ପୁଷ୍ଟି (୩୭), ବିଶ୍ୱରଂଜନ ସାହୁ (୩୧), ରଶ୍ମିକାନ୍ତ ବିଶ୍ୱାଳ (୪୭), ଶିକ୍ଷୟିତ୍ରୀ ମିନତି ବାଇ (୩୪) ଓ ପିଅନ ରଶ୍ମି ରଂଜନ ରଣା (୩୨)। ଗିରଫ ତିନି ଶିକ୍ଷକ ଓ ପିଅନ ଝିଅଟିକୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଶିକ୍ଷୟିତ୍ରୀ ମିନତି ବାଇ ସେମାନଙ୍କୁ ଏଥିରେ ସହଯୋଗ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି।

ତେବେ ଗତକାଲି ଘଟଣାର ତଦନ୍ତ କରିବାକୁ ଯାଇ ରାଜକନିକା ପୋଲିସ ପ୍ରଥମେ ୫ ଜଣ ଅଭିଯୁକ୍ତଙ୍କୁ ଆଣି ପଚାଉଚରା କରିବା ସହ ଅଟକ ରଖିଥିଲା। ପରେ ସନ୍ଧ୍ୟାରେ ଏସପି ନିଜେ ମଧ୍ୟ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ ଟିମ ମଧ୍ୟ ସ୍କୁଲର ଲ୍ୟାବ ରୁମ ରେ ଲାଗିଥିବା ସିସିଟିଭିର ହାର୍ଡ ଡିସ୍କ ଜବତ କରିଥିଲେ।

ଅଭିଯୋଗ ମୁତାବିକ, ନାବାଳିକା ଛାତ୍ରୀଙ୍କୁ ଗତ ୪ ବର୍ଷ ଧରି ଦୁଷ୍କର୍ମ କରୁଥିଲେ ସ୍କୁଲର ୪ ଶିକ୍ଷକ ଓ ଜଣେ ପିଅନ। ଜଣେ ଶିକ୍ଷୟିତ୍ରୀ ଏମାନଙ୍କୁ ସହଯୋଗ କରୁଥିଲେ। ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ରଖିଥିଲେ ଶାରୀରିକ ସମ୍ପର୍କ। ସାଇନ୍ସ ଲ୍ୟାବରେ କ୍ୟାମେରା ଅଫ୍ କରି ଛାତ୍ରୀଙ୍କ ସହ ଶାରୀରିକ ସମ୍ପର୍କ ରଖୁଥିଲେ। ଘଟଣା ବାବଦରେ କାହାକୁ କହିଲେ ସେହି ସ୍କୁଲରେ ପଢ଼ୁଥିବା ସାନ ଭାଇକୁ ମାରିଦେବାକୁ ଧମକ ଦେଉଥିଲେ। ଯାହାକୁ ନେଇ ନିରବ ରହୁଥିଲେ ଛାତ୍ରୀ ଜଣଙ୍କ।

ଗତ ଜାନୁୟାରୀ ୧୪ ତାରିଖରେ ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାରକୁ ଜଣାଇଥିଲେ। ଏନେଇ ପରିବାର ଲୋକ ୧୮ ତାରିଖରେ ଜିଲା ଶିଶୁ ମଙ୍ଗଳ କମିଟି ଅଧକ୍ଷାଙ୍କୁ ଭେଟି ଅଭିଯୋଗ କରିଥିଲେ। ୧୯ ତାରିଖରେ ଶିଶୁ ମଙ୍ଗଳ କମିଟିର ଏକ ଟିମ୍ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ପରେ ସତ ସାମ୍ନାକୁ ଆସିଥିଲା।

# ଜୈସ-ଏ-ମୋହମ୍ମଦର ୩ଆତଙ୍କବାଦୀ ମୃତ

ଜାମ୍ମୁ, ୨୨।୨(ମହାଭାରତ): ଜାମ୍ମୁ-କାଶ୍ମୀରର କିସ୍ତୱାଡ଼ ଜିଲ୍ଲାର ଏକ ଦୂରଦରାଜ ଅଂଚଳରେ ରବିବାର ଦିନ ସୁରକ୍ଷା ବଳଙ୍କ ସହିତ ସଂଘର୍ଷରେ ପାକିସ୍ତାନୀ ସଂଗଠନ ଜୈଶ-ଏ-ମୋହମ୍ମଦ(ଜେଇଏମ୍)ସହିତ ସମ୍ପର୍କିତ ୩ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି।ସେନାର ହ୍ୱାଇଟ୍ ନାଇଟ୍ କୋଣ କହିଛି ଯେ ଚଟରୁ ବେଲଟରେ ପାସରକୁଟର ସାଧାରଣ ଅଂଚଳରେ ଟ୍ରେଶୀଆଇ ଅପରେଶନ ସମୟରେ ଦୁଇ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି ଏବଂ ତାଙ୍କ ପାଖରୁ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି, ଯେଉଁଥିରେ ଦୁଇ ଏକେ-୪୭ ରାଇଫଲ ସାମିଲ ଥିଲା। ସେନା କହିଛି ଯେ ଗୋଇନ୍ଦା ସୂଚନା ଆଧାରରେ କାଉଂଟର ଇଂଟେଲିଜେନ୍ସ ଫୋର୍ସ(ସିଆଇଏଫ୍) ଡେଲ୍ଟାର ଯବାନ ପୋଲିସ୍ ଏବଂ ସିଆର୍‌ପିଏଫ୍ ସହିତ ସମନ୍ୱୟରେ ଆଜି ସକାଳେ ପ୍ରାୟ ୧୧ଟାରେ ସମ୍ବେଦନଶୀଳ ଅଂଚଳରେ ଆତଙ୍କବାଦୀଙ୍କୁ ଘେରିନେଲା। ସେନା କହିଛି ଯେ ସାମରିକ ସଟିକତା, ସହଜ ତାଳମେଳ ଏବଂ ଦୃଢ଼ ଆକ୍ରମକତାର ପ୍ରଦର୍ଶନ କରି ସୈନିକ ସଂଘର୍ଷ ସ୍ଥଳରେ ପହଂଚିଗଲେ, ଯାହାଫଳରେ ଦୁଇ ଆତଙ୍କବାଦୀଙ୍କୁ ସଫଳତାପୂର୍ବକ ମାରିଦେଇଛନ୍ତି। ପ୍ରାରମ୍ଭିକ ସୂଚନା ଦେଇ ଅଧିକାରୀମାନେ କହିଛନ୍ତି ଯେ ମୃତ ଦୁଇ ଆତଙ୍କବାଦୀ ପାକିସ୍ତାନୀ ନାଗରିକ ଏବଂ ପ୍ରତିବନ୍ଧିତ ଜୈଶ-ଏ-ମୋହମ୍ମଦର ସଦସ୍ୟ। ସେ କହିଛନ୍ତି ଯେ ଆତଙ୍କବାଦୀମାନଙ୍କୁ ଏକ ପାହାଡ଼ର ତଳହଟିରେ ଏକ ମାଟି ଘରେ ଲୁଚିଥିବା ମିଳିଛି ଏବଂ ସେ ତଲାଶୀ ଦଳ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଛନ୍ତି, ଯାହାପରେ ଭୀଷଣ ସଂଘର୍ଷ ଆରମ୍ଭ ହୋଇଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଅଂଚଳରେ ତଲାସୀ ଅଭିଯାନ ଏବେ ବି ଜାରି ଅଛି।

# ୧୨ଟି ଉଚ୍ଚଶିକ୍ଷାନୁଷ୍ଠାନର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୨।୨(ମହାଭାରତ): ଆମ ଗୌରବ ଆମ କଲେଜ ଯୋଜନା ଅଧୀନରେ ରାଜ୍ୟରେ ଗୋଟିଏ ବିଶ୍ୱ ବିଦ୍ୟାଳୟ ଏବଂ ୧୧ଟି ମହାବିଦ୍ୟାଳୟର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି। ରେଭେନ୍ସା ବିଶ୍ୱ ବିଦ୍ୟାଳୟ, କଟକ, ଆଗଲପୁର ପଂଚାୟତ ସମିତି (ଡିଗ୍ରୀ) ମହାବିଦ୍ୟାଳୟ, ରୋଥ, ବଲାଙ୍ଗୀର, ବିଜେପୁର (ଡିଗ୍ରୀ) ମହାବିଦ୍ୟାଳୟ, ବରଗଡ଼, ସାଲେପୁର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, କଟକ, ବିରେନ ମିତ୍ର ମେମୋରିଆଲ ମହିଳା (ଡିଗ୍ରୀ) ମହାବିଦ୍ୟାଳୟ,କଟକ, ପଂଚାୟତ ଡିଗ୍ରୀ ମହାବିଦ୍ୟାଳୟ, କାଳା, ଦେଓଗଡ଼, ହିନ୍ଦୋଳ (ଡିଗ୍ରୀ) ମହାବିଦ୍ୟାଳୟ, ଢେଙ୍କାନାଳ, ମହିମା ଡିଗ୍ରୀ ମହାବିଦ୍ୟାଳୟ, ଝାରସୁଗୁଡ଼ା, ବେଲଗୁଣ୍ଠା ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ, ଗଞ୍ଜାମ, ନାକଟିଦେଉଳ ଡିଗ୍ରୀ ମହାବିଦ୍ୟାଳୟ, ସମ୍ବଲପୁର, ସରକାରୀ (ସ୍ୱୟଂ ଶାସିତ) ମହାବିଦ୍ୟାଳୟ, ଫୁଲବାଣୀ, କନ୍ଧମାଳ ଏବଂ ଯଶୋଦା ବିଷ୍ଣୁ ମହାବିଦ୍ୟାଳୟ, ସୁନ୍ଦରଗଡ଼ ଆଦିର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଶୈକ୍ଷିକ ପ୍ରକଳ୍ପର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ସହ ପାଠାଗାର, ଲାବ୍ରୋଟୋରୀ, କ୍ରୀଡ଼ା ଓ ଆକାଡ଼େମିକ କମ୍ପ୍ଲେକ୍ସ ନିର୍ମାଣ, ୱାଇଫାଇ ସୁବିଧା ଉପଲବ୍ଧ କରାଇବା, ସିସିଟିଭି କ୍ୟାମେରା ଲଗାଇବା ଆଦି କାର୍ଯ୍ୟରେ ଏହି ଅର୍ଥକୁ ଖର୍ଚ୍ଚ କରାଯିବ।

### 'ଅପରେସନ ସାଇବର କବଚ'

# ୩୬୨୫ ବେନାମୀ ବ୍ୟାଙ୍କ ଆକାଉଂଟ ଯାଂଚ, ୧୮୭ଜଣ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୨।୨(ମହାଭାରତ): ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ' ଦଶମ ଦିନରେ ଜୋରଦାର ଭାବେ ଜାରି ରହିଛି।

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଂଚ ଏହି ସମଗ୍ର ଅପରେସନର ସମନ୍ୱୟ ରକ୍ଷା କରୁଛନ୍ତି। ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ଦୁର୍ବଳ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ।ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୩,୬୨୫ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି। ମୋଟ ୨୭୫ଟି ମ୍ୟୁଲ୍ ଆକାଉଂଟ ସମ୍ପର୍କିତ ମାମଲା, ୮ଟି ଚେକ୍ ଉଠାଣ ମାମଲା ଏବଂ ୭ଟି ନକଲି ସିମ୍ ଚକ୍ରାନ୍ତ ଯାଂଚ ସମ୍ପର୍କିତ ମାମଲା ରୁଜୁ ହୋଇଛି। ଏହି ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୧୮୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧,୦୭୫ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଂଟଧାରୀଙ୍କୁ (ନୂତନ ମାମଲା ଓ ୮୪ଟି ପୁରୁଣା ଏଫ୍.ଆଇ.ଆର୍) ଆଇନଗତ ନୋଟିସ୍ ଜାରି କରାଯାଇଛି।ଏହି ଅଭିଯାନ ସମୟରେ ଜଗତସିଂହପୁର ଜିଲ୍ଲା ପୋଲିସ ୨୦ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ସାଇବର ମାମଲା ରୁଜୁ କରିଛି। ସେହିପରି ଯାଜପୁର ଜିଲ୍ଲା ପୋଲିସ ୪୪ଟି ଆକାଉଂଟ ଯାଂଚ କରି ୪ଟି ମାମଲା ରୁଜୁ କରି ୪୭ଜଣଙ୍କୁ ନୋଟିସ୍ ଜାରି କରିଛି। ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୮୮ଟି ଆକାଉଂଟ ଯାଂଚ କରି ୫ଟି ମାମଲା ରୁଜୁ କରି ୬୭ଜଣଙ୍କୁ ନୋଟିସ୍ ଜାରି କରିଛି। ଖୋର୍ଦ୍ଧା ଜିଲ୍ଲା ପୋଲିସ ୯୮ଟି ଆକାଉଂଟ ଯାଂଚ କରି ୬ଟି ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ୍ ଜାରି କରିଛି। ପୁରୀ ଜିଲ୍ଲା ପୋଲିସ ୭୧ଟି ବେନାମୀ ଆକାଉଂଟ ଯାଂଚ କରି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ୪ଟି ଓ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୬ଜଣ ଅଭିଯୁକ୍ତ ଗିରଫ କରିଛି ଏବଂ ୧୫ଜଣଙ୍କୁ ନୋଟିସ୍ ଜାରି କରିଛି।ସେହିପରି ଭାବେ ବଲାଙ୍ଗିର, ଝାରସୁଗୁଡ଼ା, କେନ୍ଦୁଝର, ରାଉରକେଲା, ଭଦ୍ରକ, ମୟୂରଭଞ୍ଜ, ୟୁପିଡି ଭୁବନେଶ୍ୱର, ବ୍ରହ୍ମପୁର, ଗଜପତି, ଗଞ୍ଜାମ, ଅନୁଗୁଳ, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ରାୟଗଡ଼ା, କଟକ, ନୟାଗଡ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ବୌଦ୍ଧ, କନ୍ଧମାଳ, ମାଲକାନଗିରି, ନବରଙ୍ଗପୁର, ଦେବଗଡ଼, ଢେଙ୍କାନାଳ ଆଦି ସମସ୍ତ ଜିଲ୍ଲାରେ ବେନାମୀ ଆକାଉଂଟ ଯାଂଚ, ମାମଲା ରୁଜୁ, ଗିରଫ ଓ ନୋଟିସ୍ ଜାରି କରାଯାଇଛି।

ରାଜ୍ୟବାସୀଙ୍କ ଡିଜିଟାଲ କାରବାରର ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ପ୍ରତିଶ୍ରୁତିବଦ୍ଧ। ସାଇବର ଅପରାଧ ମୁକ୍ତ ଓଡ଼ିଶା ଗଠନ ପାଇଁ ଏହି ଅଭିଯାନ ଆଗାମୀ ଦିନରେ ଆହୁରି କଡ଼ାକଡ଼ି ହେବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି।

## ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ ଶିଘ୍ର ଆରମ୍ଭ ଜମି ଅଧିଗ୍ରହଣ

ଭୁବନେଶ୍ୱର, ୨୨।୨(ମହାଭାରତ) ଚିଲିକା ଉପରେ ସେତୁ ନିର୍ମାଣ ପାଇଁ ଖୁବ ଶିଘ୍ର ଆରମ୍ଭ ହେବ ଜମି ଅଧିଗ୍ରହଣ। ୮ଗୋଟି ଗ୍ରାମର ଜମି ଅଧିଗ୍ରହଣ କରିବେ ସରକାର। ଗୋପାଳପୁରରୁ ସାତପଡ଼ା ମଧ୍ୟରେ ଏନଏଚ ହେବ ସଂଯୋଗ। ଜହ୍ନିକୁଦାରୁ ସାତପଡାରେ ଚିଲିକା ଉପରେ ଦୁଇ ଲେନ୍ ବିଶିଷ୍ଟ ବୃହତ ଅତ୍ୟାଧୁନିକ ସେତୁ ହେବ ନିମାଣ। ଏନଏଚ ସଂଯୋଗୀକରଣ ନିର୍ମାଣ ମଧ୍ୟରେ ଆସୁଥିବା ଆଠଟି ଗ୍ରାମ ଅର୍ଥାତ୍ ବ୍ରହ୍ମଗିରି ତହସିଲର ତିନୋଟି ଗ୍ରାମ ଏବଂ କୃଷ୍ଣପ୍ରସାଦ ତହସିଲର ପାଂଚଟି ଗ୍ରାମକୁ ନେଇ ଚିଲିକା ହ୍ରଦ ଉପରେ ମିସିଙ୍ଗ୍ ଲିଙ୍କ୍ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ଖୁବ୍ ଶିଘ୍ର ଆରମ୍ଭ ହେବା ନେଇ ଏନଏଚଏଆଇକୁ ଚିଠି ଲେଖିଲେ ପୁରୀ ଜିଲ୍ଲାପାଳ। ବ୍ରହ୍ମଗିରି ତହସିଲର ସାତପଡ଼ା, ଆଲୁପାଟଣା, ଗୋପୀନାଥପୁରପାଟଣା ଏବଂ କୃଷ୍ଣପ୍ରସାଦ ତହସିଲର ବ୍ରହ୍ମପୁର, ଭବାନୀପୁର, ମାଁସା, ପାରଲା, ଜାନହିକୁଡା ଗ୍ରାମ ପାଇଁ ଜମି ଅଧିଗ୍ରହଣ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ବିଜ୍ଞପ୍ତି ଯଥାଶୀଘ୍ର ପ୍ରକାଶ କରାଯାଇପାରେ।

# ସେଓ ରାବିଡ଼ି

ଆପଣ ଅନେକ ଥର ରାବିଡି ନିଶ୍ଚୟ ଖାଇଥିବେ। କିଛି ଲୋକଙ୍କର ଏହା ଫେଭରେଟ ମିଠା ଡ଼ିଶ ମଧ୍ୟ ଅଟେ। ଆଜି ଆମେ ଆପଣଙ୍କୁ ଆପେଲ ରାବିଡ଼ି ବିଷୟରେ ବତାଇବୁ।ଏଥିର ରାବିଡ଼ି ତ ଏକା ଭଳି ମାତ୍ର ସେଓ,ପିସ୍ତା ଏବଂ ବାଦାମ ଟେଷ୍ଟକୁ କରିବ ଆହୁରି ମଜାଦାର।

**ଆବଶ୍ୟକ ସାମଗ୍ରୀ:**

୩ଟି ମଧ୍ୟମ ଆକାରର ସେଓ,୧ଲିଟର କ୍ଷୀର,୩ଟେବୁଲ ଚାମଚ ଚିନି,୧/୪ ଚା ଚାମଚ ଗୁଜୁରାତି,୮-୧୦ ବାଦାମ, ୮-୧୦ ପିସ୍ତା।

**ପ୍ରସ୍ତୁତି ପ୍ରଣାଳୀ:**

ଏକ ବଡ଼ ବାସନରେ କ୍ଷୀର ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ,ଯେ ପର୍ଯ୍ୟନ୍ତ କ୍ଷୀର ଗାଢ ନହୋଇ ଯାଉ ସେ ପର୍ଯ୍ୟନ୍ତ କ୍ଷୀରକୁ ଗୋଳାନ୍ତୁ। ଏହା ପରେ ଏଥିରେ ଚିନି ପକାନ୍ତୁ ଏବଂ ମଧ୍ୟମ ଆଂଚରେ କ୍ଷୀରକୁ ଗରମ କରନ୍ତୁ ।

ସେଓର ଚୋପା ବାହାର କରି ଏହାକୁ ଚକଟି ଦିଅନ୍ତୁ। ଯେତେବେଳେ କ୍ଷରୀରର ମାତ୍ରା କମିଯିବ ଏଥିରେ ସେଓକୁ ଢାଳି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାକୁ ୩ରୁ ୪ମିନିଟ ପର୍ଯ୍ୟନ୍ତ ଫୁଟାନ୍ତୁ। ଏହା ପରେ ଏଥିରେ ଗୁଜୁରାତି ପାଉଡ଼ର ଫ୍ଲେଭର ପାଇଁ ବାଦାମ ଏବଂ ପିସ୍ତା ପକାନ୍ତୁ। ଏହା ପରେ ଏହାକୁ ଗରମ କିମ୍ବା ଥଣ୍ଡା ପରଷନ୍ତୁ ।



..... ପରଦା ଖବର ......


# ଗ୍ୟାଙ୍ଗଷ୍ଟାର ବିଷ୍ଣୋଇ ଟାର୍ଗେଟରେ ଆକ୍ଟର ରଣବୀର ସିଂ



ସଲମାନ ଖାଁଙ୍କ ପରେ ଗ୍ୟାଙ୍ଗଷ୍ଟାର ବିଷ୍ଣୋଇ ଟାର୍ଗେଟରେ ଆକ୍ଟର ରଣବୀର ସିଂ । ବ୍ଲକବଷ୍ଟର ମୁଭି 'ଧୁରନ୍ଧର ଷ୍ଟାର ରଣବୀର ସିଂଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ୧୦ କୋଟି ଟଙ୍କା ଡିମାଣ୍ଡ ସହ ହତ୍ୟା ଧମକ ମିଳିଥିବା ଜଣାଯାଇଛି । ନମ୍ବରରେ ଆସିଥିବା ବାର୍ତ୍ତା ଏକ ଆମେରିକୀୟ ଫୋନ୍ ନମ୍ବରରୁ ଆସିଥିବା ଅଭିଯୋଗ ହୋଇଛି । ତାଙ୍କ ଗ୍ୟାଙ୍ଗ ଅପରେଟ କରୁଥିବା ହ୍ୟାରି ବକ୍ସର ଏହି ଧମକ ଦେଇଛନ୍ତି ବୋଲି ପୋଲିସ ପାଖରୁ ସୂଚନା ମିଳିଛି । ଧମକପୂର୍ଣ୍ଣ ଭଏସ୍ ମେସେଜ୍ ପଠାଇବା ପାଇଁ ସିମ୍ ବ୍ୟବହାର କରିଥିବା ବ୍ୟକ୍ତି ଓ ୧୦ କୋଟି ଟଙ୍କା ମାଗିଥିବା ଅପରାଧ ଶାଖା ବିଷୟରେ ସୂଚନା ସଂଗ୍ରହ ପାଇଁ ଜୋରସୋର ଉଦ୍ୟମ କରାଯାଉଛି । ମୁମ୍ବାଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇ ସାରିଥିଲେ ମଧ୍ୟ କୌଣସି ଏଫଆଇଆର ଏପର୍ଯ୍ୟନ୍ତ ରୁଜୁ ହୋଇନାହିଁ ବୋଲି ଜଣାଯାଇଛି ।ଧମକ ପରେ ଅଭିନେତାଙ୍କ ସୁରକ୍ଷାକୁ କଡାକଡି କରାଯାଇଛି। ତାଙ୍କ ମ୍ୟାନେଜରଙ୍କ ବୟାନ୍ ମଧ୍ୟ ରେକର୍ଡ କରାଯାଇଛି । ମୃତ୍ୟୁ ଧମକ ପରେ ମଧ୍ୟ ରଣବୀର ଓ ଦୀପିକା ତାଙ୍କ ମା ବାହାରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଅଞ୍ଜୁ ଭବନନୀ ଗତକାଲି ମୁମ୍ବାଇର ଧୀରୁଭାଇ ଅମ୍ବାନୀ ଅନ୍ତର୍ଜାତୀୟ ବିଦ୍ୟାଳୟରେ ପ୍ରକାଶ ପାଦୁକୋନଙ୍କ ଦ୍ୱାରା ଆୟୋଜିତ ଇଭେଣ୍ଟରେ ଯୋଗ ଦେଇଥିଲେ । ଏଭଳି ଧମକର ପ୍ରଭାବ ସେମାନଙ୍କ ଉପରେ ଥିବା ଭଳି ଲାଗିଲା ନାହିଁ । କାରଣ ସେମାନେ ଦୁହେଁ ବେଶ୍ ମସ୍ତି କରିଥିଲେ ସେହି କାର୍ଯ୍ୟକ୍ରମରେ । ଆହୁରି ମଧ୍ୟ ରଣବୀର ଧୁରନ୍ଧର-୨ ପାଇଁ ଏହା ଭିତରେ ଡବିଂ ଶେଷ କରିଛନ୍ତି । ଖାଲି ସେତିକି ନୁହେଁ, ଲୀଲାବତୀ ହସପିଟାଲରେ ସେ ସଲମାନ ଖାନଙ୍କ ଅସୁସ୍ଥ ପିତା ସଲିମ ଖାନଙ୍କୁ ମଧ୍ୟ ଦେଖିବାକୁ ଯାଇଥିଲେ ଯଗତ ଫେବୃଆରୀ ୨ ତାରିଖ ଦିନ ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ମୁମ୍ବାଇ ସ୍ଥିତ ଘର ବାହାରେ ଗୁଳି ଚଳିଲା । ଯେଉଁଥିରେ ଏକାଧିକ ବନ୍ଧୁକଧାରୀ ଚରି ରାଉଣ୍ଡ ଗୁଳି ଚଳନା କରିଥିଲେ ।ଏବେ ରଣବୀରଙ୍କୁ ଟାର୍ଗେଟ୍ କରିଛି ବିଷ୍ଣୋଇ ଗ୍ୟାଙ୍ଗ୍ । ଏହି ଖବର ବାହାରକୁ ଆସିବା ପରେ ରଣବୀର ଓ ଦୀପିକାଙ୍କ ଫ୍ୟାନ୍ସଙ୍କ ସମେତ ମୁମ୍ବାଇ ପୁଲିସର ମଧ୍ୟ ଚିନ୍ତା ବଢି ଯାଇଛି ।

# କ'ଣ ପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ

ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ। ଏହି ପର୍ବ ଦଶଦିନ ଧରି ଚଳେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ବିନାୟକ ବ୍ରତ ପାଳିତ ହୁଏ । ବିନାୟକ ବ୍ରତକଥାରେ ଉଲ୍ଲେଖ ରହିଛି ଯେ ଏହି ବ୍ରତର ମାହାତ୍ମ୍ୟ ସ୍କନ୍ଧ ପୁରାଣରେ ବର୍ଣିତ। ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି ବିନାୟକ ବ୍ରତ ପାଳନ କଲେ ମନୁଷ୍ୟମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି, ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ ବୋଲି ବୟାନ କରିଛନ୍ତି। ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିଲେ। ସେଥିପାଇଁ ଗଣପତିଙ୍କର ନାମ ସିଦ୍ଧି ବିନାୟକ।ସମସ୍ତେ ଜାଣନ୍ତି ଯେ ଭଗବାନ ଗଣେଶଙ୍କ ବାହନ ମୂଷା। ହେଲେ ମୂଷା କେମିତି ଗଣେଶଙ୍କ ବାହନ ହେଲେ ସେ ବିଷୟରେ ଖୁବ୍ କମ୍ ଲୋକ ଜାଣିଥିବେ। ଗଣେଶ ଓ ମୂଷାର ସମ୍ପର୍କ ନେଇ ବିଭିନ୍ନ ପ୍ରକାର କାହାଣୀ ରହିଛି । ସେହି ମଧ୍ୟରୁ ଆଜି ଆମେ ଆପଣଙ୍କୁ ଗୋଟିଏ କାହାଣୀ କହିବୁ ଯେଉଁଥିରୁ ଆପଣ ଜାଣି ପାରିବେ ଯେ ମୂଷା କେମିତି ଗଣେଶଙ୍କ ବାହନ ହେଲା। ପୁରାଣ ଅନୁସାରେ ଗଜମୁଖାସୁର ନାମକ ଏକ ରାକ୍ଷସ ସଙ୍ଗେ ଗଜାନନଙ୍କ ଯୁଦ୍ଧ ହୋଇଥିଲା । ହେଲେ ରାକ୍ଷସ



ଦେବତାଙ୍କଠୁ ବର ପ୍ରାପ୍ତ କରିଥିଲା ଯେ କୌଣସି ଅସ୍ତ୍ରରେ ତା'ର ମୃତ୍ୟୁ ହେବ ନାହିଁ। ଯୁଦ୍ଧରେ ଗଣେଶ ଯେତେ ପ୍ରକାର ଚେଷ୍ଟା କରିଥିଲେ ବି ରାକ୍ଷସଙ୍କୁ ପରାଜିତ କରିପାରିନଥିଲେ । ଶେଷରେ ବୁଦ୍ଧି ଲଗାଇ ନିଜ ଦାନ୍ତରେ ରାକ୍ଷସକୁ ନିହତ କରିବାକୁ ଉଦ୍ୟମ କଲେ। ଏଥିରେ ରାକ୍ଷସ ଭୟଭୀତ ହୋଇ ମୂଷା ରୂପ ଧାରଣ କରିନେଇଥିଲା । ଦୌଡ଼ିବାକୁ ଚେଷ୍ଟା କରିଥିଲା । ହେଲେ ଗଣେଶ ରାକ୍ଷସକୁ ଧରିବାରେ ସକ୍ଷମ ହୋଇଥିଲେ। ତାକୁ ବାନ୍ଧି ଦେଇଥିଲେ। ତା'ପରେ ରାକ୍ଷସ ଭଗବାନ ଗଣେଶଙ୍କୁ କ୍ଷମା ମାଗିଥିଲା। ସେତେବେଳେ ଗଣେଶ ତାକୁ ନିଜ ବାହାନ କରି ତାକୁ ଜୀବନ ଦାନ ଦେଇଥିଲେ।

# ଜାଣନ୍ତୁ ଲବଙ୍ଗ ଏବଂ ସେଓ ଖାଇବାର ଫାଇଦା

ସେଓ ଖାଇବାର ଅନେକ ଲାଭକାରୀ ଗୁଣ ରହିଛି । କିନ୍ତୁ ଆପଣ ସେଓ ସହିତ କେବେ ଲବଙ୍ଗ ମିଶାଇ ଖାଇଛନ୍ତି କି ? ଯଦି କେହି ଖାଇନାହାଁନ୍ତି ତେବେ ଥରେ ନିଶ୍ଚିନ୍ତ ଖାଇବାକୁ ଚେଷ୍ଟା କରନ୍ତୁ । ଯାହା ଶରୀର ପାଇଁ ଲାଭଦାୟକ ହୋଇଥିବା ସହ ମାଇଗ୍ରେନ ଆକ୍ରମଣରୁ ରକ୍ଷା କରିଥାଏ ।ମାଇଗ୍ରେନର ଯନ୍ତ୍ରଣା ବହୁତ ତୀବ୍ର ହୋଇଥାଏ । ଯେଉଁ କାରଣରୁ କିଛି ଲୋକଙ୍କର ବାନ୍ତି ମଧ୍ୟ ହୋଇଯାଏ ।ଯନ୍ତ୍ରଣା ହେତୁ ମୁଣ୍ଡ ବିନ୍ଧା ପ୍ରବଳ ହୋଇଥାଏ । ଏପରି ପରିସ୍ଥିତିରେ ବିନା ଔଷଧରେ ଏଥିରୁ ଆରାମ ମିଳି ନଥାଏ । ଯଦି ଆପଣ ମାଇଗ୍ରେନ୍ ରୋଗରେ ଆକ୍ରାନ୍ତ, ତେବେ ଆପଣଙ୍କୁ ସେଓ ଖାଇବାର ଉପାୟ ବଦଳାଇବା ଆବଶ୍ୟକ । ଲବଙ୍ଗ ସହିତ ସେଓ ଖାଇବା ଦ୍ୱାରା ମାଇଗ୍ରେନ୍ ଆକ୍ରମଣରୁ ରକ୍ଷା ମିଳିଥାଏ ଯ କେବଳ ଏତିକି ନୁହେଁ,



ଏହା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ଦୂର କରିଥାଏ ।ସେଓ ସହିତ ଲବଙ୍ଗ ଖାଇବା ଦ୍ୱାରା ଆପଣଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ । ତେବେ ଏହାକୁ ଖାଇବାର ସଠିକ୍ ଉପାୟ କ'ଣ ଜାଣନ୍ତୁ ।ଡାକ୍ତର କହିଛନ୍ତି ଯେ, ଯେଉଁମାନଙ୍କର ମାଇଗ୍ରେନ୍ ଏବଂ ପେଟ ସମସ୍ୟା ଅଛି, ସେମାନେ କ'ଣ କରିବା ଉଚିତ। ଗୋଟିଏ ସେଓ ନିଅନ୍ତୁ ଏବଂ ଏହାକୁ ଧୋଇ ଦିଅନ୍ତୁ । ଏବେ ଏକ ଟୁଥପିକ୍ ସାହାଯ୍ୟରେ ସେଓରେ ୫ଟି ଛୋଟ ଗାତ କରନ୍ତୁ । ଏବେ ସେଓରେ କରିଥିବା ଗାତରେ ଲବଙ୍ଗ ଭର୍ତ୍ତି କରନ୍ତୁ ।ରାତିସାରା ସେଓକୁ ଏହିପରି ଭାବେ ଛାଡି ଦିଅନ୍ତୁ। ସକାଳେ ସେଓରୁ ଲବଙ୍ଗ ବାହାର କରି ଏହାକୁ ନ କାଟି ଚୋବାଇ ଖାଆନ୍ତୁ । ଯଦି ଆପଣ ୧୫ ଦିନ ପର୍ଯ୍ୟନ୍ତ ଏପରି ସେଓ ଖାଆନ୍ତି ତେବେ ଆପଣଙ୍କୁ ଆଶ୍ଚର୍ଯ୍ୟଜନକ ଲାଭ ମିଳିବ। ଏହା ଶ୍ୱାସକ୍ରିୟା, ମାଇଗ୍ରେନ୍ ଆକ୍ରମଣ ଏବଂ ସାଧାରଣ ମୁଣ୍ଡବିନ୍ଧା ସମସ୍ୟାରୁ ଦୂର କରିବୟ ତେବେ ଏହାର ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା ।ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଅନେକ ରୋଗରୁ ମୁକ୍ତି ମିଳିଥାଏ । ଯାହା ଶରୀର ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ସେଓକୁ ଆମ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ । ଏହା ସହିତ ପାଚନ କ୍ରିୟାକୁ ଉତ୍ତତ କରିବାରେ ମଧ୍ୟ ଏହା ସାହାଯ୍ୟ କରେ ।ସେଓ ଲିଭର ପାଇଁ ବେଷ୍ଟ ହୋଇଥାଏ । ଯାହା ଲିଭରରେ ଜମାଟ ବାନ୍ଧୁଥିବା ଚର୍ବିକୁ ରୋକିପାରେ। ଏହା ବ୍ୟତୀତ ଏହା କିଡନୀ କାର୍ଯ୍ୟରେ ସାହାଯ୍ୟ କରିବା ସହିତ ମସ୍ତିଷ୍କକୁ ଆଲଜାଇମର ଭଳି ରୋଗରୁ ରକ୍ଷା କରିଥାଏ ।ଉଜ୍ଜ୍ୱଳ ତ୍ୱଚା ପାଇଁ ସେଓ ଫଳପ୍ରଦ ହୋଇଥାଏ ।ସେଓ ଭିଟାମିନ୍ ସି, ଭିଟାମିନ୍ ଏ, ଆଣ୍ଟିଅକ୍ସିଡା□ ଏବଂ ଫାଇବରରେ ଭରପୂର । ସେହିପରି ଲବଙ୍ଗରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି। ଯାହା ଦାନ୍ତ ଯନ୍ତ୍ରଣାରୁ ମୁକ୍ତି ଦେବାରେ ପ୍ରଭାବଶାଳୀ ହୋଇଥାଏ ।ଲବଙ୍ଗ ଖାଇବା ଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ଫୁଲା ଏବଂ ବଦହଜମୀକୁ ହ୍ରାସ କରିଥାଏ । ଏଥିରେ ୟୁଜେନୋଲ୍ ଏବଂ ଫ୍ଲାଭୋନଏଡ୍ ଉପାଦାନ ଥାଏ ଯାହା ଶରୀରରେ ପ୍ରଦାହକୁ ମଧ୍ୟ କମ୍ କରିଥାଏ ।ଲବଙ୍ଗ କାଶ, ଆଜ୍ମା ଏବଂ ବ୍ରୋଙ୍କାଇଟିସ୍ ଭଳି ସମସ୍ୟାକୁ ଚୁଟିକିରେ ଗାଏବ କରିଦେଇଥାଏ ।ଯାହା ରକ୍ତ ଶର୍କରାକୁ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରେ ।ତେଣୁ କେବଳ ସେଓ ନଖାଇ ସେଥିରେ ଲବଙ୍ଗ ମିଶାଇ ଖାଆନ୍ତୁ । ଯାହା ଆପଣଙ୍କୁ ଅନେକ ସ୍ୱାସ୍ଥ୍ୟଜନିତ ଫାଇଦା ଦେବ ।

# ଗୀତା ମାଧ୍ୟମରେ କର୍ମପ୍ରବଣତା



ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନୀ ଥିଲେ । ଅର୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ । ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ । ଅର୍ଜୁନ ସାହସ ହରାଇଲେ । ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ । ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ । ଏହି ସମୟରେ ଶ୍ରୀମଦ୍‌ଭଗବତ୍ ଗୀତାର ଜନ୍ମ ହୋଇଥିଲା । ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ । ଏହା ହିଁ ଭଗବତ୍‌ଗୀତା ଗ୍ରନ୍ଥର ରୂପ ନେଇଥିଲା । ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ । ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି । ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ୍ ବୋଲି ମାନିଛନ୍ତି । ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ ।

ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ । ଅର୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ । ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି । ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର । ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ । ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜୁନଙ୍କୁ କରାଇଥିଲେ ।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ । ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି । ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି ।

# ଘରେ ଏସବୁ କାମ କରିଲେ ଛାଡି ପଳାଇବେ ଲକ୍ଷ୍ମୀ

ଅନେକ ସମୟରେ ଆମେ ଦେଖୁ ଘରେ ଅଯଥାରେ ଅଶାନ୍ତି ଲାଗିରହିଥାଏ । ଅର୍ଥର ସଙ୍କଟ ମଧ୍ୟ ଦେଖାଦେଇଥାଏ । ଆମେ ଭାବିଥାଉ ଏହା ଘରର ବାସ୍ତୁ



ଦୋଷ ପାଇଁ ହେଉଛି । ମାତ୍ର ଏହା କେବଳ ଘରର ବାସ୍ତୁ ଦୋଷରୁ ହୋଇନଥାଏ । ଘରର ସଦସ୍ୟ ମାନଙ୍କର ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଯୋଗୁଁ ମଧ୍ୟ ଘରେ ଏଭଳି ଅଶାନ୍ତି ଲାଗିରହିଥାଏ । ତେଣୁ ଘରେ ଅଶାନ୍ତି ନହେବା ପାଇଁ ଏଭଳି ଅଶୁଭ କାମ ସବୁ କେବେ କରନ୍ତୁ ନାହିଁ । ଘରେ କେବେ ହେଲେ ବି ଖଟ ଉପରେ ବସି ଖାଆନ୍ତୁନାହିଁ । ଏଭଳି କରିବା ଦ୍ୱାରା ଘରେ ସବୁବେଳେ ଅଶାନ୍ତି ବୃଦ୍ଧି ପାଇଥାଏ । ଘରଲୋକଙ୍କ ପାଖରେ କେବେ ହେଲେ ବି ଅର୍ଥ ରହେନାହିଁ । ଘରର ମୁଖ୍ୟ ଦ୍ୱାରରେ କେବେ ହେଲେ ଅଳିଆ ଆବର୍ଜନା ରଖନ୍ତୁ ନାହିଁ । ଏଭଳି କରିବା ଦ୍ୱାରା ପଡୋଶୀମାନେ ଶତ୍ରୁ ହୋଇଯିବେ । ରାତିରେ ଅଇଁଠା ବାସନ ରଖନ୍ତୁ ନାହିଁ । ବାସନକୁ ଧୋଇକରି ରଖନ୍ତୁ । ରାତିରେ ଅଇଁଠା ବାସନ ରଖିବା ଦ୍ୱାରା ଅର୍ଥହାନି ହୋଇଥାଏ । ଘରେ କେବେ ହେଲେ ଝାଡୁକୁ ଛିଡା କରି ରଖନ୍ତୁନାହିଁ । ଝାଡୁରେ କେବେହେଲେ ଗୋଡ ଲଗାନ୍ତୁନାହିଁ। ଘରେ ଝାଡୁକୁ ସବୁବେଳେ ଲୁଚାଇ ରଖନ୍ତୁ । ନଚେତ୍ ଘରେ ଦାରିଦ୍ର୍ୟ ଦେଖାଦେବ। କେବେ ଆରତୀ, ଦୀପ, ହୋମ ଅଗ୍ନିକୁ ମୁହଁରେ ଫୁଙ୍କି ଲିଭାନ୍ତୁ ନାହିଁ ।

# ଜବର ଦଖଲରୁ ମୁକ୍ତ ହେବ ମହାପ୍ରଭୁଙ୍କ ସମ୍ପତ୍ତି

**ଭୁବନେଶ୍ୱର,୨୨।୨ (ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଓଡ଼ିଆ ଜାତିର ଜମିଦାର। ତାଙ୍କର ସମସ୍ତ ଜମିଜମାର ସୁରକ୍ଷା ଆମ ସଭିଙ୍କର ନୈତିକ ଦାୟିତ୍ୱ ବୋଲି କହିଛନ୍ତି ରାଜସ୍ୱ ସଚିବ ଡ଼ ଅରବିନ୍ଦ ପାଢୀ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମା




ସମ୍ବନ୍ଧୀୟ ସୁରକ୍ଷା ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଲୋକସେବା ଭବନରେ ରାଜସ୍ୱ ବିଭାଗ ସମ୍ମିଳନୀ କକ୍ଷରେ ରାଜସ୍ୱ ସଚ଼ିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ଏବଂ ପୁନରୁଦ୍ଧାର ସମ୍ବନ୍ଧରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ରାଜସ୍ୱ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ୍ ଶ୍ରୀମନ୍ଦିର ପରିଚାଳନା କମିଟି ନାମରେ ଥିବା ସମସ୍ତ ଭୂ-ସମ୍ପତ୍ତିର ଖତିୟାନ୍ ସଂଶୋଧନ ସହ ବିଭିନ୍ନ ଅପେକ୍ଷିତ ମାମଲାର ତୁରନ୍ତ ସମାଧାନ କରିବାକୁ ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ତହସିଲ୍ ତଥା ଜାତୀୟ ଏବଂ ରାଜ୍ୟ ରାଜପଥ ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଅଧୀନରେ ଥିବା ଜମିଜମାକୁ ଅବୈଧ ଦଖଲରୁ ମୁକ୍ତ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ମାସର ପ୍ରଥମ ବୁଧବାର ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଅଧକ୍ଷତାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିଜମାର ସୁରକ୍ଷା ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ମହାପ୍ରଭୁଙ୍କ ଜମିଜମା ସୁରକ୍ଷା ତଥା ପରିଚାଳନାକୁ ସୁଦୃଢ଼ କରିବା ନିମନ୍ତେ ରାଜସ୍ୱ ବିଭାଗରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଜମି ଉପବିଭାଗ ବା ଲ୍ୟାଣ୍ଡ୍ ସେଲ୍ ଅବସ୍ଥାପିତ କରାଯିବା ନିମନ୍ତେ ରାଜସ୍ୱ ସଚ଼ିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଗକୁ ମଧ ବିଭିନ୍ନ ସମୟରେ ରାଜସ୍ୱ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବୈଠକ ସହିତ ଅନ୍ୟ ଜିଲ୍ଲାରେ ସମୀକ୍ଷା ବୈଠକ କରାଯିବ ବୋଲି ଡ. ପାଢୀ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ, ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀ ଦେବବ୍ରତ ସାହୁ, ରାଜସ୍ୱ ବିଭାଗର ଭୂସଂସ୍କାର ଶାଖାର ବରିଷ୍ଠ ଅଧିକାରୀବୃନ୍ଦ, ଖୋର୍ଦ୍ଧା ଜିଲ୍ଲାର ଉପଜିଲ୍ଲାପାଳ ଏବଂ ତହସିଲଦାରଗଣ ଉପସ୍ଥିତ ଥିଲେ।

# ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ

**ଭୁବନେଶ୍ୱର,୨୨।୨ (ମହାଭାରତ):** ବିଧାନସଭାରୁ ଆସିଲା ବାଲ୍ୟବିବାହ ତଥ୍ୟ ଚିନ୍ତାଜନକ। ଜାତୀୟ ହାର ଠାରୁ ରାଜ୍ୟରେ କମ ବାଲ୍ୟ ବିବାହ ହାର। ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ। ନବରଙ୍ଗପୁରରେ ୩୯.୪%, ନୟାଗଡରେ ୩୫. ୭%, କୋରାପୁଟରେ ୩୫.୫%, ରାୟଗଡାରେ ୩୩.୨%, ମାଲକାନଗିରିରେ ୩୨.୪, ମୟୁରଭଞ୍ଜରେ ୩୧.୩%,



କେନ୍ଦୁଝରରେ ୨୯%, ଗଜପତିରେ ୨୮.୧, ବାଲେଶ୍ୱରରେ ୨୬.୪, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି. ତେବେ ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାରେ ୨୦.୫%. ବାଲ୍ୟ ବିବାହର ପାଞ୍ଚୋଟି କାରଣ : ସମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକ ବିଷମତା, ଦାରିଦ୍ର୍ୟ, ସାମାଜିକ ଅସୁରକ୍ଷା ଏବଂ କିଶୋରୀମାନଙ୍କ ଶିକ୍ଷାର ଅଭାବ। ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତର ରଖିଛନ୍ତି।

# ୧୦ କୋଟି ଅତିକ୍ରମ କଲା ଚାଳକଙ୍କ ରୋଜଗାର

**ଭୁବନେଶ୍ୱର,୨୨।୨ (ମହାଭାରତ):** ଓଡ଼ିଶା ସରକାରଙ୍କ ପ୍ରମୁଖ ଜନ-କୈନ୍ଦ୍ରିକ ପରିବହନ ସେବା 'ଓଡ଼ିଶା ଯାତ୍ରୀ', ରାଜ୍ୟରେ ନିଜର ସେବା ସମ୍ପ୍ରସାରଣ ସହ ନାଗରିକ ସୁରକ୍ଷା, ଡିଜିଟାଲ୍ ନବସୃଜନ ଏବଂ ଚାଳକଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ପ୍ଲାଟଫର୍ମକୁ ଏକ ସୁଦୃଢ଼ ସୁରକ୍ଷା ବ୍ୟବସ୍ଥାରେ ପରିଣତ କରାଯାଇଛି, ଯେଉଁଥିରେ ଅତ୍ୟାଧୁନିକ ଜରୁରୀକାଳୀନ ପ୍ରତିକ୍ରିୟା ସୁବିଧା ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଅଧୀନରେ




ବର୍ତ୍ତମାନ ପୋଲିସ ସହ ସିଧାସଳଖ ଏସ୍.ଓ.ଏସ୍ ସଂଯୋଗ, ଆପ୍ଲିକେସନ୍ ନଖୋଲି ଜରୁରୀକାଳୀନ ସଙ୍କେତ ପ୍ରଦାନ, ଲାଇଭ୍ ଲୋକେସନ ସେୟାରିଂ ଏବଂ ନିର୍ଦ୍ଧାରିତ ସମ୍ପର୍କୀୟଙ୍କ ନିକଟକୁ ତୁରନ୍ତ ସୂଚନା ପ୍ରେରଣ ଭଳି ସୁବିଧା ଉପଲବ୍ଧ ହେବ। ଏହି ବୈଷୟିକ ହସ୍ତକ୍ଷେପ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ପରିବହନ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା 'ଜିରୋ କମିଶନ' ମଡେଲ ମାଧ୍ୟମରେ 'ଓଡ଼ିଶା ଯାତ୍ରୀ' ଏକ ବଡ଼ ସଫଳତା ହାସଲ କରିଛି। ଏହି ବ୍ୟବସ୍ଥା ଦ୍ୱାରା ଚାଳକମାନେ ନିଜ ରୋଜଗାରର ଶତପ୍ରତିଶତ ଅଂଶ ପାଇପାରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ସମୁଦାୟ ଆୟ ୧୦ କୋଟି ଟଙ୍କା ଅତିକ୍ରମ କରିଛି। ଏହା କେବଳ ଚାଳକମାନଙ୍କ ଜୀବିକାକୁ ସୁଦୃଢ଼ କରିନାହିଁ, ବରଂ ସରକାରୀ ସମର୍ଥିତ ଏହି ପରିବହନ ସେବା ଉପରେ ବିଶ୍ୱାସ ଓ ସ୍ୱଚ୍ଛତାକୁ ମଧ ବୃଦ୍ଧି କରିଛି। ଏହାବ୍ୟତୀତ, 'ଆମ ବସ୍' ସେବାରେ ଡିଜିଟାଲ କାରବାରକୁ ତ୍ୱରାନ୍ୱିତ କରିବା ପାଇଁ 'ଫାଷ୍ଟ-ଟିକେଟ୍' ଅଭିଯାନ ଆରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ବସ୍ ମଧରେ ଥିବା କ୍ୟୁଆର କୋଡ୍ ସ୍କାନ କରି ସେକେଣ୍ଡ ମଧରେ ଡିଜିଟାଲ ଟିକେଟ୍ ପାଇପାରୁଛନ୍ତି।

# ୩ ବଜେଟରେ ୧.୩୮ ଲକ୍ଷ କୋଟି ଋଣବୋଝ

**ଭୁବନେଶ୍ୱର,୨୨।୨ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ କରିଥିବା ବେଳେ, ଆଜି ବିଜୁ ଜନତା ଦଳ ଏହି ବଜେଟ ଅନ୍ତସାର ଶୂନ୍ୟ ଓ କେବଳ ପ୍ରଚାରଧର୍ମୀ ବଜେଟ ବୋଲି ଅଭିହିତ କରିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ଶ୍ରୀ ଗୌତମ ବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ରାଜ୍ୟ ସରକାର ବଜେଟର ପରିମାଣ ୩ ଲକ୍ଷ ୧୦ ହଜାର କୋଟିକୁ ବୃଦ୍ଧି କରି ବାହାଦୁରି ନେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ। ପୂର୍ବ ବର୍ଷ ତୁଳନାରେ ମାତ୍ର ୬.୨୫% ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮% ହାରରେ ବିଚାରକୁ ନେଲେ, ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ଦୁଇ ପ୍ରତିଶତ ହ୍ରାସ ପାଇଛି। ସରକାରଙ୍କ ଆୟ କମୁଛି, ତେଣୁ ଋଣ ଭାରରେ ଓଡିଶାକୁ ବୁଡାଉଛନ୍ତି। ନବୀନ ବାବୁ ରାଜ୍ୟର ଦାୟିତ୍ୱ ନେବା ପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡିଶାକୁ ଏକ ଆର୍ଥିକ ଶୃଙ୍ଖଳା ରାଜ୍ୟରେ ପରିଣତ କରିଥିଲେ। ବର୍ତ୍ତମାନର ସରକାର କେବଳ ଋଣ କରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି। ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି। ସରକାର ଋଣ ଉପରେ ନିର୍ଭର କରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। କୃଷକ ମାନଙ୍କ ସମସ୍ୟାକୁ ସମାଧାନ ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ କି ଆନ୍ତରିକତା ନାହିଁ। ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି। ବିଭିଜି ରାମଜୀ ଯୋଜନାରେ ୯୦:୧୦ ପରିବର୍ତ୍ତେ, ୬୦:୪୦ରେ ଖର୍ଚ୍ଚ ହେବ, ଯାହା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢିବ। ଏହି ବଜେଟ ଏକ ପ୍ରଚାରଧର୍ମୀ ବଜେଟ। ଅନେକ ଯୋଜନା ଘୋଷଣା କରିଛନ୍ତି, କିନ୍ତୁ ଅର୍ଥ ପ୍ରଦାନ କରାଯାଇନାହିଁ। ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ସରକାର ରାଜ୍ୟର ବିକାଶ ପାଇଁ ରାଜ୍ୟବାସୀଙ୍କୁ କେବଳ ସ୍ୱପ୍ନ ଦେଖାଉଛନ୍ତି। ନିରଞ୍ଜନ ପୂଜାରୀ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡିଶାବାସୀଙ୍କୁ ନିରାଶ କରିଛି, କାରଣ କେନ୍ଦ୍ରୀୟ ଅନୁଦାନ ବଢୁନାହିଁ, ବରଂ କମୁଛି।

# ବିଏମ୍‌ସି ପକ୍ଷରୁ ଅତ୍ୟାଧୁନିକ ଶୌଚାଳୟ ଉଦଘାଟିତ

**ଭୁବନେଶ୍ୱର,୨୨।୨ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପାହାଳଠାରେ ଏକ ୫ ସିଟ୍ ବିଶିଷ୍ଟ ପାଇଖାନା ଆଜି ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଏକସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଂଚି ନାରାୟଣ ମହାସୂପକାର, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବିପ୍ଲବ କୁମାର କିଷାନ, ଉତ୍ତର ଜୋନାଲ କମିଶନର ମନ୍ମଥ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।




ପାହାଳ ରସଗୋଲା ବଜାରରେ ଦୈନିକ ହଜାର ହଜାର ଲୋକଙ୍କର ସମାଗମ ହେଉଛି। ସେଥିପାଇଁ ବିଏମ୍‌ସି ପକ୍ଷରୁ ୪ ନମ୍ବର ୱାର୍ଡ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ପାଇଖାନା ନିର୍ମାଣ କରାଯାଇଛି। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଏଠାରେ ନାପକିନ୍ ଭେଣ୍ଡିଂ ମେସିନ, ନାପକିନକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିବା ପାଇଁ ଇନସିନେଟର, ହାତକୁ ସୁଖାଇବା ପାଇଁ ହ୍ୟାଣ୍ଡ ଡ୍ରାଏର ଇତ୍ୟାଦି ରହିଥିବା ବେଳେ ଏହା ଜେଣ୍ଡର ନ୍ୟୁଟ୍ରାଲ ଓ ୟୁନିଭରସାଲ ଆକ୍ସେସ ପାଇଖାନା ବା ତୃତୀୟ ଲିଙ୍ଗୀ ବ୍ୟକ୍ତିମାନେ ମଧ ଏହାକୁ ବ୍ୟବହାର କରିପାରିବେ। କେବଳ ସେତିକି ନୁହେଁ, ଦିବ୍ୟାଙ୍ଗମାନେ ବ୍ୟବହାର କରିବା ପାଇଁ ମଧ ରାମ୍ପର ବ୍ୟବସ୍ଥା ରହିଅଛି। ଗୋଟିଏ ବାକ୍ୟରେ କହିଲେ, ଏହି ପାଇଖାନାକୁ ସବୁ ବର୍ଗର ମହିଳା, ପୁରୁଷ, ଦିବ୍ୟାଙ୍ଗ, ତୃତୀୟ ଲିଙ୍ଗୀ ଆଦି ବ୍ୟବହାର କରିପାରିବେ। ସଂପ୍ରତି ଭୁବନେଶ୍ୱରରକୁ ସରସ ସୁନ୍ଦର କରିବା ସହ ବାହ୍ୟ ମଳମୁତ୍ର ମୁକ୍ତ ସହର ଭାବେ ଗଢି ତୋଳିବା ପାଇଁ ବିଏମ୍ ସି ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସମଗ୍ର ବିଏମ୍ ସି ଅଂଚଳରେ ମୋଟ ୧୦୮ଟି ସ୍ଥାନରେ ସାମୁହିକ ପାଇଖାନା ଥିଲା। ଏହାକୁ ମିଶାଇ ୧୦୯ଟି ସ୍ଥାନ ହେଲା। ମୁଖ୍ୟତଃ ଜନଗହଳି ପୂର୍ଣ୍ଣ ଛକ, ମାର୍କେଟ୍, ଭେଣ୍ଡିଂ ଜୋନ୍, ବସଷ୍ଟାଣ୍ଡ, କେତେକ ବସ୍ତି ନିକଟରେ ମଧ ସାମୁହିକ ଶୌଚାଳୟ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ରହିଛି।

# ଧାନ କିଣାକୁ ନେଇ ରାଜନୀତି କରିବା ଉଚିତ୍ ନୁହେଁ : ମନମୋହନ

**ଭୁବନେଶ୍ୱର,୨୨।୨ (ମହାଭାରତ):** ଧାନର ଅଭାବୀ ବିକ୍ରି ନ ହେବା ଏବଂ ଚାଷୀ ତାର ଉଚିତ୍ ମୂଲ୍ୟ ପାଇବା ପାଇଁ ବିଜେପି ସବୁବେଳେ ପ୍ରୟାସ କରିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ କୃଷି ଉପରେ ନିର୍ଭରଶୀଳ। ଧାନ ଅମଳରେ ଓଡ଼ିଶା ଗୋଟିଏ ସମୟରେ ୧୯ ନମ୍ବରରେ ଥିଲାବେଳେ ଆଜି ୨ୟ ସ୍ଥାନରେ ରହିଛି।ଓଡ଼ିଶାରେ ବିଜେପିର ଡବଲ୍ ଇଂଜିନ ସରକାର ଗଠନ ହେବା ପରେ ୩୧୦୦ ଟଙ୍କା କ୍ୱିଂଟାଲରେ ଧାନ କିଣା ହେଉଛି। ୨୦୨୪ ମସିହା ପୂର୍ବରୁ ଅର୍ଥାତ ପୂର୍ବ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣାଯାଇଥିଲା ଏବଂ ସେତେବେଳେ ୧୩ ହଜାର କୋଟି ଟଙ୍କାର ଧାନ କିଣାଯାଇଥିଲା। ଓଡ଼ିଶାରେ ବିଜେପି ସରକାର ଆସିବା ପରେ ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ଓ ରବି ଫସଲକୁ ମିଶାଇ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କ ଠାରୁ ୨୭ହଜାର କୋଟି ଟଙ୍କାର ପାଖାପାଖି ୯୨ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଥିଲା। ଏହାବ୍ୟତୀତ ଚାଷୀଙ୍କ ରୋଜଗାରକୁ ଦୁଇଗୁଣା କରିବା ପାଇଁ ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ଓଡିଶାରେ ବିଜେପି ସରକାର ଆସିବା ପରେ ଧାନ କିଣା ପାଖାପାଖି ଦୁଇଗୁଣା ବୃଦ୍ଧି ପାଇଛି। ଏହା ହେଉଛି ଚାଷୀ ଭାଇଭଉଣୀଙ୍କ ପ୍ରତି ବିଜେପି ସରକାରର ପ୍ରତିବଦ୍ଧତା। ଏଭଳିସ୍ଥିତିରେ ଧାନ କିଣାକୁ ନେଇ



ଲୋକଙ୍କ ମଧରେ ବିଭ୍ରାନ୍ତି କରି ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଉଭୟ ବିରୋଧୀ ବିଜେଡି ଏବଂ କଂଗ୍ରେସ ଦଳ ଅପଚେଷ୍ଟା କରୁଛନ୍ତି ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟର ଅଧିକାଂଶ ଜିଲ୍ଲାରେ ଧାନ କିଣା ୯୦ ରୁ ୯୫ ପ୍ରତିଶତ ଅତିକ୍ରମ କରିସାରିଛି ଏବଂ ଧାନ କିଣା ଏବେବି ଅବ୍ୟାହତ ରହିଛି। ପ୍ରଥମ, ଦ୍ୱିତୀୟ, ତୃତୀୟ ପର୍ଯ୍ୟାୟରେ ଟୋକନ ବ୍ୟବସ୍ଥା ଅନୁସାରେ ଧାନ କିଣାଯାଇଛି। ଆବଶ୍ୟକ ପଡ଼ିଲେ ଚତୁର୍ଥ ପର୍ଯ୍ୟାୟ ଟୋକନ ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ଚାଷୀଙ୍କ ପାଖରେ ଧାନ ରହିଛି, ସେପର୍ଯ୍ୟନ୍ତ ଧାନ କିଣା ଜାରି ରହିବ। ଏହା ହେଉଛି ବିଜେପି ସରକାରର ଓଡିଶାର ଚାଷୀକୁଳ ପ୍ରତି ପ୍ରତିବଦ୍ଧତା। ଏଥିରେ କୌଣସି ସାଲିସ ହେବ ନାହିଁ। ଏହାକୁ ବିରୋଧୀ ବିଜେଡି ଓ କଂଗ୍ରେସ ନେତୃବୃନ୍ଦ ହଜମ କରିପାରୁନାହାନ୍ତି। ଏନେଇ ମଧ ରାଜନୀତି କରିବାକୁ ଅପଚେଷ୍ଟା ଚେଷ୍ଟା କରୁଛନ୍ତି। ଗତ ବର୍ଷ ମଧ ଧାନ କିଣାକୁ ନେଇ ଲୋକଙ୍କ ମଧରେ ଦ୍ୱନ୍ଦ୍ୱ ସୃଷ୍ଟି କରି ବିଫଳ ହୋଇଥିଲେ। ଚଳିତ ବର୍ଷ ମଧ ବିରୋଧୀ ସେହିପରି ଅପଚେଷ୍ଟା କରୁଛନ୍ତି। ମାତ୍ର ଏଥର ମଧ ସେମାନେ ସଫଳ ହେବେ ନାହିଁ ବୋଲି ଶ୍ରୀ ସାମଲ କହିଛନ୍ତି।

ଧାନ କିଣା ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ବିଜେପି ସରକାରରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀଗଣ, ବିଧାୟକବୃନ୍ଦଙ୍କ ସମେତ ବିଜେପିର ବରିଷ୍ଠ ନେତାମାନେ ମଣ୍ଡି ବୁଲି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଧାନ କିଣାରେ ଯେଭଳି ତ୍ରୁଟି ବିଚ୍ୟୁତି ନ ରହିବ, ସେଥିପାଇଁ ଆଲୋଚନା ଓ ପର୍ଯ୍ୟାଲୋଚନା କରି ଏହି ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବିଜେପି ସରକାର ପ୍ରୟାସ ଜାରି ରଖିଛି। ଆଜି ଧାନ କିଣାରେ ସୁବ୍ୟବସ୍ଥା ଯୋଗୁ ଓଡ଼ିଶା ରାଜ୍ୟ ସମଗ୍ର ଦେଶରେ ୧୯ରୁ ୨ ନମ୍ବର ରାଜ୍ୟ ହୋଇପାରିଛି।

### ସହରାଂଚଳ ଗୃହନିର୍ମାଣ ମିଶନକୁ ସୁଦୃଢ଼ କରିବ 'ପିଏମଏୱାଇ-ଅର୍ବାନ ବନ୍ଧୁ'

# ପ୍ରତିବର୍ଷ ୫୦ ଏକର ଜମି ଯୋଗାଇଦେବେ ସରକାର

**ଭୁବନେଶ୍ୱର,୨୨।୨ (ମହାଭାରତ):** ରାଜ୍ୟର ସହରାଂଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନ ମଧବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବା ଲକ୍ଷ୍ୟରେ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଂଚଳ)ର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ 'ପିଏମଏୱାଇ-ଅର୍ବାନ ବନ୍ଧୁ' କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି ଯେ, "ପିଏମଏୱାଇ-ଅର୍ବାନ ବନ୍ଧୁ ଯୋଜନା ସୁଲଭ ମୂଲ୍ୟରେ ବାସଗୃହ ନିର୍ମାଣ ପାଇଁ ଜମିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ସହ ଗୃହ ନିର୍ମାଣ ମିଶନକୁ ଅଧିକ ସୁଦୃଢ଼ କରିବ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରାଂଚଳ ୨.୦ ଅଧୀନରେ ଥିବା ଏଏଚପି ଭର୍ଟିକାଲ୍ ପାଇଁ ପ୍ରତିବର୍ଷ ୫୦ ଏକର ଜମି ଚିହ୍ନଟ କରାଯିବା ଦ୍ୱାରା ଇଡବ୍ଲୁଏସ୍ ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ।" ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ଆର୍ଥିକ ବର୍ଷ ବଜେଟରେ ୧୨୦ କୋଟି ଟଙ୍କାର ବ୍ୟୟବରାଦକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ପୌରସଂସ୍ଥାଗୁଡ଼ିକ ମଧରେ ସମନ୍ୱୟ ରକ୍ଷା କରାଯାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରକ୍ରିୟାକୁ ସରଳୀକୃତ କରାଯିବ। ରାଜ୍ୟ ସରକାରଙ୍କ 'ବିକଶିତ ଓଡ଼ିଶା' ପରିକଳ୍ପନା ଅନୁଯାୟୀ ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରଙ୍କୁ ପକ୍କାଘର ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସହରାଂଚଳର କୌଣସି ବି ଯୋଗ୍ୟ ପରିବାର ଯେପରି ଏହି ସୁବିଧାରୁ ବଂଚିତ ନହୁଅନ୍ତି, ତାହାକୁ ସୁନିଶ୍ଚିତ କରିବା ସହ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ପାଇଁ ଏକ ସୁଦୃଢ଼ ଭିତିଭୂମି ପ୍ରସ୍ତୁତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ।

# ଏଫଏମ୍ ପ୍ରସାରଣର ସମ୍ପୂର୍ଣ୍ଣ ଉପଯୋଗ ପାଇଁ ଏଡିଜିଙ୍କ ପରାମର୍ଶ

**ଭୁବନେଶ୍ୱର,୨୨।୨ (ମହାଭାରତ):** ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟର ପତ୍ର ସୂଚନା କାର୍ଯ୍ୟାଳୟ ରାଞ୍ଚି/ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ରାଞ୍ଚିକୁ ତାଙ୍କର ତିନି ଦିନିଆ ଗସ୍ତରେ ଯାଇ ଆଜି ରାଞ୍ଚି ଆକାଶବାଣୀ କେନ୍ଦ୍ର ପରିଦର୍ଶନ କରିଛନ୍ତି।



ଏହି ଅବସରରେ ସେ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିବା ସହିତ 'ବିକଶିତ ଭାରତ ୨୦୪୭' ଲକ୍ଷ୍ୟ ସମ୍ପର୍କରେ ଗଣମାଧ୍ୟମ ଏବଂ ପ୍ରସାରଣ କ୍ଷେତ୍ରରେ ହେଉଥିବା ଡିଜିଟାଲ ପରିବର୍ତ୍ତନ ଉପରେ ବିସ୍ତୃତ ଭାବେ ମତ ବିନିମୟ କରିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ସମଗ୍ର ବିଶ୍ୱରେ ଡିଜିଟାଲ ପରିବର୍ତ୍ତନ ଦ୍ରୁତ ଗତିରେ ଘଟୁଛି ଏବଂ ଭାରତ ମଧ ଏହି ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେ କହିଛନ୍ତି ଯେ ଜନସାଧାରଣଙ୍କ ସୂଚନା ଏବଂ ମନୋରଞ୍ଜନର ବ୍ୟବହାର ଢାଂଚାରେ ବ୍ୟାପକ ପରିବର୍ତ୍ତନ ଆସିଛି, ଯାହା ସୂଚନା ପ୍ରସାର ପ୍ରକ୍ରିୟାକୁ ମଧ ପ୍ରଭାବିତ କରିଛି। ନୂତନ ମନୋରଞ୍ଜନ ମାଧ୍ୟମ ଏବଂ ଡିଜିଟାଲ ପ୍ଲାଟଫର୍ମର ଆଗମନ ସହିତ, ବିଷୟବସ୍ତୁର ପ୍ରକୃତି ଏବଂ ଏହାର ଚାହିଦା କ୍ରମାଗତ ଭାବରେ ବଦଳୁଛି। ସେ କହିଥିଲେ ଯେ ଗଣମାଧ୍ୟମ କ୍ଷେତ୍ରରେ ଆଜି ଅନେକ ଧାରା ପ୍ରଚଳିତ ରହିଛି, ଯାହା ୩୦ ବର୍ଷ ପୂର୍ବେ ନଥିଲା। ବୈଷୟିକ ପ୍ରଗତି ସହ ସ୍ଥାନୀୟ କଣ୍ଟେଣ୍ଟର ଗୁରୁତ୍ୱ ମଧ ବୃଦ୍ଧି ପାଇଛି। ବିଶେଷ କରି ରାଂଚି ଭଳି ସହରରେ ଏହା ଉପରେ ଧାନ ଦିଆଯିବା ଆବଶ୍ୟକ। ଶ୍ରୀ ମିଶ୍ର ଆକାଶବାଣୀ କେନ୍ଦ୍ରର କର୍ମଚାରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ସ୍ଥାନୀୟ ବିଷୟବସ୍ତୁ ଏବଂ ଆଂଚଳିକ ସାମଗ୍ରୀକୁ ପ୍ରୋତ୍ସାହିତ କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଫ.ଏମ. ପ୍ରସାରଣରେ ସୃଜନଶୀଳତାର ବିପୁଳ ସମ୍ଭାବନା ରହିଛି ବୋଲି ଉଲ୍ଲେଖ କରି ସେ କର୍ମଚାରୀମାନଙ୍କୁ ଏହି ସୁଯୋଗର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଆହ୍ୱାନ କରିଥିଲେ। ସେ ଏହା ମଧ କହିଥିଲେ ଯେ ପ୍ରସାରଣ କ୍ଷେତ୍ରରେ ଆର୍ଥିକ ଦିଗ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଲାଭର ଉଦ୍ଦେଶ୍ୟ ରଖି କେବେ ବି ଜନସେବାର ମୌଳିକ ଲକ୍ଷ୍ୟକୁ ଦୁର୍ବଳ କରିବା ଉଚିତ ନୁହେଁ।

# ଲାଞ୍ଜିଗଡ ବ୍ଲକ ଅଧକ୍ଷାଙ୍କ ସମେତ ବିଜେଡି କର୍ମୀ ବିଜେପିରେ ସାମିଲ

**ଭୁବନେଶ୍ୱର,୨୨।୨ (ମହାଭାରତ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ଅନେକ ଜନହିତକାରି, ଗରିବ କଲ୍ୟାଣକାରୀ, ଜନକଲ୍ୟାଣକାରୀ, ସର୍ବବ୍ୟାପି, ସର୍ବସ୍ପର୍ଶୀ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଳାହାଣ୍ଡି ଜିଲ୍ଲାର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଆଜି ଏହି ମିଶ୍ରଣ ଦ୍ୱାରା କଳାହାଣ୍ଡି ଜିଲ୍ଲାରେ ଦଳୀୟ ସଂଗଠନ ବୃଦ୍ଧି ପାଇଛି। ସମସ୍ତେ ମିଳିମିଶି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବା ଅଭିମୁଖେ ଆଗେଇ ନେବାକୁ ଆମେ ସଂକଳ୍ପ ନେବା ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଆଜି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବ୍ଲକ ଅଧକ୍ଷା ଶ୍ରୀମତୀ କମଳା ପାତ୍ର ବିଜେଡି ଛାଡି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀମତି ପାତ୍ରଙ୍କ ସମେତ ଲାଞ୍ଜିଗଡ ରୋଡ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ମୁକ୍ତା ଭୋଇ, ବେନଗାଁ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀମତୀ ଯଶବନ୍ତି ନାଏକ, ବେଡଗାଁ ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ଶ୍ରୀ ତ୍ରିନାଥ ମାଝୀ, ବସନ୍ତପଡା ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ପୁଙ୍ଗରି ମାଝୀ, ଛତ୍ରପୁର ଗ୍ରାମପଂଚାୟତର ପଂଚାୟତ ସମିତି ସଦସ୍ୟ ସନ୍ୟାସୀ ମାଝୀ, ଭଟାଙ୍ଗପଦର ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟ ରୂପେନ୍ଦ୍ର ଛତ୍ରିଆ, ଭୁତିଗଡ ଗ୍ରାମ ପଂଚାୟତର ସମାଜସେବୀ ହରିଶଙ୍କର ପାତ୍ର, ଦିଲୀପ କୁମାର ନାଏକ, ସାନ ବାଗ୍ ପ୍ରମୁଖ ଆନୁଷ୍ଠାନିକ ଭାବେ ବିଜେଡି ଛାଡି ନିଜ ସମର୍ଥକଙ୍କ ଗହଣରେ ବିଜେପିରେ ଯୋଗଦାନ କରିଛନ୍ତି। ସେହିପରି ଥୁଆମୁଲ ରାମପୁର ବ୍ଲକର ସିନ୍ଦିପଦର ଗ୍ରାମ ପଂଚାୟତର ସରପଂଚ ଶ୍ରୀମତୀ ଗୀତାଞ୍ଜଳି ମାଝୀ, ଥୁଆମୁଲ ଗ୍ରାମ ପଂଚାୟତର ପଂଚାୟତ ସମିତି ସଦସ୍ୟା ଶ୍ରୀମତୀ ରାଣୀ ନାଏକ, ସିନ୍ଦିପଦର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ବିକ୍ରମ ମାଝୀ, ପୂର୍ବତନ ବ୍ଲକ ବିଜେଡି ସଭାପତି ଇଶ୍ୱର ରେଲି, ନକ୍ସନ୍ଦି ଗ୍ରାମ ପଂଚାୟତର ବିଜେଡି ଯୁବ ନେତା ଅଜିତ ନାଏକ, ମନୋଜ କୁମାର ନାଏକ ବିଜେପିରେ ଯୋଗଦାନ କରିଛନ୍ତି।

# ବାଂଲାଦେଶରେ ଶାନ୍ତି ଫେରୁଛି

ବିଏନପି ୨୦୦ରୁ ଅଧିକ ଆସନ ଦଖଲ କରି ପ୍ରାୟ ଦୁଇ ଦଶନ୍ଧି ପରେ କ୍ଷମତାକୁ ଫେରିଛି। ତାରିକ ରହମାନ ଦେଶର ନୂତନ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ହୋଇଯାଇଛି। ଭାରତ ପାଇଁ ଏହି ନିର୍ବାଚନ ଫଳାଫଳ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ବାଂଲାଦେଶ କେବଳ ଏକ ସାଧାରଣ ପଡ଼ୋଶୀ ନୁହେଁ, ଏହାର ସୃଷ୍ଟିକର୍ତ୍ତା ହେଉଛି ଭାରତ। ଶେଖ ହାସିନା ଦେଶ ଛାଡ଼ି ପଳାୟନ କରିବା ଏବଂ ଭାରତରେ ଆଶ୍ରୟ ନେବା ପରେ ଭାରତ-ବାଂଲାଦେଶ ସମ୍ପର୍କ ଅତି ତିକ୍ତ ହୋଇଛି। ବାଂଲାଦେଶର ଅନ୍ତରୀଣ ସରକାରର ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ ଜଣେ ଭାରତ ବିରୋଧୀ ବ୍ୟକ୍ତି। ତେଣୁ ବାଂଲାଦେଶ ଭାରତ ବିରୋଧୀ ଆଭିମୁଖ୍ୟକୁ ଆପଣାଇବା ସହିତ ପାକିସ୍ତାନ ସହିତ ହାତ ମିଳାଇଛି। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଏବଂ ଅତ୍ୟାଚାର ହେଉଛି। ଏମିତି ମନେ ହେଉଛି ସତେ ଯେମିତି ହିନ୍ଦୁ କହିଲେ ଭାରତକୁ ବୁଝାଏ। ବାଂଲାଦେଶରେ ପ୍ରାୟ ୧.୨୫ କୋଟି ହିନ୍ଦୁ ଧର୍ମାବଲମ୍ବୀ ବସବାସ କରନ୍ତି। ସେମାନେ ସେ ଦେଶର ନାଗରିକ। ସେମାନଙ୍କୁ ଭାରତୀୟ ବୋଲି ବିଚାର କରି ଆକ୍ରମଣ ଏବଂ ହତ୍ୟା କରିବା ଅନୁଚିତ। ଏବେ ତାରିକ ରହମାନଙ୍କ ନେତୃତ୍ୱରେ ନୂଆ ସରକାର ଗଠିତ ହେବା ପରେ ଭାରତ ଆଶା ରଖିଛି ଯେ, ପରିସ୍ଥିତିରେ ପରିବର୍ତ୍ତନ ହେବ। କିନ୍ତୁ ବିଏନପି ଅତୀତରେ ଯେତେବେଳେ କ୍ଷମତାକୁ ଆସିଛି, ସେତେବେଳେ ଭାରତ-ବାଂଲାଦେଶ ସମ୍ପର୍କ ଖରାପ ହୋଇଛି। ଜିଆ ଉର ରହମାନ ଏବଂ ବେଗମ ଖାଲେଦା ଜିଆଙ୍କ ଶାସନ କାଳରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅତି ତିକ୍ତ ହୋଇଥିଲା। ଶେଖ ହାସିନା ବାଂଲାଦେଶର ପ୍ରଧାନମନ୍ତ୍ରୀ ହେବା ପରେ ସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଆସିଲା। ସେ କେବେ ମୌଳବାଦକୁ ପ୍ରଶ୍ରୟ ଦେଉନଥିଲେ ବା ଭାରତ ବିରୋଧୀ ଶକ୍ତିକୁ ମୁଣ୍ଡ ଟେକିବାକୁ ସୁଯୋଗ ଦେଉନଥିଲେ। ଏଥିପାଇଁ ତାଙ୍କୁ ଶାସନ କ୍ଷମତାରୁ ବିତାଡ଼ିତ ହେବାକୁ ପଡ଼ିଲା। ଏବେ ହାସିନା ହିଁ ଭାରତ-ବିରୋଧୀ ସ୍ୱାଭାବିକ ସମ୍ପର୍କର ବଡ଼ ପ୍ରତିବନ୍ଧକ ସାଜିଛନ୍ତି। ବାଂଲାଦେଶର ଏକ କୋର୍ଟ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଛି। ତେଣୁ ବାଂଲାଦେଶ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଭାରତ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏବେ ବିଏନପି ସରକାର ଗଠନ କରିବା ପରେ ସେହି ଦାବିକୁ ଦୋହରାଇବ ବୋଲି ସୂଚନା ମିଳିଛି। ଏହାକୁ ଭାରତ ଗ୍ରହଣ କରିବା ସମ୍ଭବ ନୁହେଁ। ବିଶ୍ୱର କୌଣସି ଦେଶ ଏହା କରିପାରିବେ ନାହିଁ। ଗୋଟିଏ ଦେଶର ପୂର୍ବତନ ଶାସନ ମୁଖ୍ୟ ଅନ୍ୟ ଏକ ଦେଶରେ ରାଜନୈତିକ ଆଶ୍ରୟ ନେଇଥିବା ବେଳେ ତାଙ୍କୁ ପ୍ରତ୍ୟର୍ପଣ କରାଯିବା ଏକ ଅନୁଚିତ କାର୍ଯ୍ୟ। ଏହା କଦାପି ଗ୍ରହଣୀୟ ନୁହେଁ। ତେଣୁ ବିଏନପିର ଦାବିକୁ ଭାରତ ସରକାର ଗ୍ରହଣ କରିବେ ବୋଲି ଆଶା କରାଯାଇପାରେନା। ତେଣୁ ବାଂଲାଦେଶରେ ସରକାର ପରିବର୍ତ୍ତନ ହେଲେ ମଧ୍ୟ ଭାରତ-ବାଂଲାଦେଶ ସମ୍ପର୍କ ସୁଧୁରିବ ବୋଲି ଆଶା କରିବା ବୃଥା। ଉଭୟ ଦେଶ ମଧ୍ୟରେ ବାଣିଜ୍ୟ କାରବାରର ପୁନରୁଦ୍ଧାର ହେବା ଜରୁରୀ। ଏହା ସୀମା ବିବାଦ ନେଇ ଆଲୋଚନା ପ୍ରକ୍ରିୟା ଆରମ୍ଭ ହେବା ଉଚିତ।

# ପୃଥୁଳ ସମ୍ବିଧାନ, ଦୁର୍ବଳ ଜନତା

**ଯୁଧିଷ୍ଠିର ମହାରଣା**

ଆମେ ବିଶ୍ୱର ସବୁଠାରୁ ସର୍ବବୃହତ୍ତ ଓ ପୁରୁଣା ସାମ୍ବିଧାନିକ ଗଣତାନ୍ତ୍ରିକ ରାଷ୍ଟ୍ର। ଇତିମଧ୍ୟରେ ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛେ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ଅର୍ଥାତ୍ ଆମ୍ଭେମାନେ ଶକ୍ତିଶାଳୀ ଓ ସର୍ବୋଚ୍ଚ। ସମ୍ଭବତଃ ଏହି ଧାଡ଼ିଟି ଶୁଣିବାକୁ ଭଲ ଲାଗେ ଏବଂ ଏହା କେବଳ ଲିଖିତ ଧାଡ଼ିଟି କହିଲେ ଅତ୍ୟୁକ୍ତି ହେବନାହିଁ। ଗଣତନ୍ତ୍ର ଶାସନର ୭୫ ବର୍ଷ ପରେ ବି ଗଣ କେତେ ଅସହାୟ ଏହା ପ୍ରତିଦିନ ଗଣମାଧ୍ୟମରୁ ଜଣାଯାଏ। ବଜାରରେ ଦୁଇ ପ୍ରକାର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଆମ ଦେଶରେ। ଯେତେ ଅଧିକ ଦାମ, ତାର ଗୁଣାତ୍ମକମାନ ସେତେ ଅଧିକ। ପକେଟରେ ପଇସା ନାହିଁ ମାନେ, କମ ଗୁଣାତ୍ମକମାନର ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ। ନକଲି ଖାଦ୍ୟଠାରୁ ଆରମ୍ଭ କରି ନକଲି ଔଷଧର ଏକ ବଜାର ସୃଷ୍ଟି ହୋଇସାରିଛି ଆମ ଦେଶରେ। ବିଭିନ୍ନ ମାନର ସେବା ମଧ୍ୟ ରହିଛି। ଆମ ଦେଶରେ କିଏ ବଞ୍ଚିବାକୁ ସଂଗ୍ରାମ କରୁଛି ତ ପୁଣି କିଏ ଜୀବନକୁ ଉପଭୋଗ କରୁଛି। ଜୀବନକୁ ଉପଭୋଗ କରୁଥିବା ମଣିଷଙ୍କ ସଂଖ୍ୟା ଆମ ଦେଶରେ ଖୁବ କମ୍। ଏମାନଙ୍କ ଭୋଟରେ ଗଣତନ୍ତ୍ର ପ୍ରତିଷ୍ଠା ହୁଏନି। ପ୍ରତିଟି ଭୋଟରଙ୍କ ଭୋଟର ମୂଲ୍ୟ କିନ୍ତୁ ସମାନ। ଧନୀର ଯେତିକି ଗରିବର ସେତିକି।




ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣଙ୍କୁ କେତେ ସମ୍ମାନ ଦିଅନ୍ତି ଏବଂ କେତେ ଗୁରୁତ୍ୱ ଦିଅନ୍ତି ଏକଥା କାହାରିକୁ ଅଛପା ନାହିଁ। ଆମ ରାଜ୍ୟର ନେତାମାନେ କହୁଛନ୍ତି - ପ୍ରଶାସନିକ ଅଧିକାରୀମାନେ କୁଆଡ଼େ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉନାହାନ୍ତି। ସେଇ ଅଧିକାରୀମାନେ ସାଧାରଣ ଲୋକଙ୍କୁ କିଭଳି ସମ୍ମାନ ଦିଅନ୍ତି ଏକଥା ନିର୍ବାଚିତ ପ୍ରତିନିଧିମାନେ କେବେ ଚିନ୍ତା କରିଛନ୍ତି କି? ସ୍ୱାଧୀନତାର ୭୯ ବର୍ଷ ପରେ ବି ଲୋକଙ୍କୁ ମୁନ୍ଦେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରୁନି ଫଳରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି। ଅନ୍ୟପଟେ ଅସଲି ମଦ ଦୋକାନ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଲୋକଙ୍କ ହାତ ପାହାନ୍ତାରେ ଉନ୍ନତ ମାନର ଅସଲ ମଦ ମିଳୁଛି - ଏହା ହିଁ ଗଣତନ୍ତ୍ର ପ୍ରତିଟି ଆଉ ଏକ ଉପହାସ।

ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ସଂଘ, କାନାଡ଼ା, ଆୟାରଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ଓ ଜାପାନ ଆଦି ଦେଶର ସମ୍ବିଧାନରୁ ନୀତିନିୟମ ଉଦ୍ଧୃତ କରାଯାଇ ସନ୍ନିବେଶିତ କରାଯାଇଛି ଭାରତୀୟ ସମ୍ବିଧାନରେ। ଏତେ ବଡ଼ ଲିଖିତ ସମ୍ବିଧାନ ବିଶ୍ୱରେ ଅନ୍ୟ କୌଣସି ଦେଶରେ ନାହିଁ। ରାଷ୍ଟ୍ରର ରାଜନୈତିକ ବ୍ୟବସ୍ଥା ସମ୍ବନ୍ଧୀୟ ମୌଳିକ ଢ଼ାଞ୍ଚା ଗଠନ କରିଥାଏ ସମ୍ବିଧାନ। ଦେଶବାସୀ କିଭଳି ଶାସିତ ହେବେ ଏବଂ ଜଣେ କିଭଳି ଅନ୍ୟାୟର ଶିକାର ନ ହେବ ସେ ସବୁ ସମ୍ବିଧାନରେ ଲିଖିତ ଭାବରେ ରହିଛି। ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଗୃହୀତ ହୋଇଥିଲେ ବି ଭାରତୀୟ ସମ୍ବିଧାନ ପ୍ରଣୀତ ହୋଇଥିଲା ୧୯୫୦ ଜାନୁଆରୀ ୨୬ ତାରିଖ ଦିନ। ଗଣଙ୍କ ଅଧିକାର କିଭଳି କ୍ଷୁର୍ଣ୍ଣ ନହେବ ସେ ଦିଗକୁ ଗୁରୁତ୍ୱ ଦିଆଯାଇଛି ଆମ ସମ୍ବିଧାନରେ। କିନ୍ତୁ ପ୍ରଶ୍ନ ଉଠୁଛି ଆମ ଦେଶର ସମ୍ବିଧାନ ଖୁବ ପୃଥୁଳ ହୋଇଥିଲେ ମଧ୍ୟ ଗଣ କାହିଁକି ଏତେ ଦୁର୍ବଳ, ପୁଷ୍ଟିହୀନତାର ଶିକାର କାହିଁକି ହେଉଛି ଶିଶୁ? ସେଇଟା ହିଁ ମୂଳ ପ୍ରଶ୍ନ। ଯେଉଁସବୁ ବିକଶିତ ଦେଶମାନଙ୍କ ସମ୍ବିଧାନରୁ ଆମ ସମ୍ବିଧାନ ପାଇଁ ନୀତି ନିୟମ ଉଦ୍ଧୃତ କରାଯାଇଛି ସେ ସବୁ ଦେଶର କ'ଣ ବିଶୁଦ୍ଧ ପାନୀୟ ଜଳପାଇଁ ଲୋକଙ୍କୁ ରାଜରାସ୍ତାକୁ ଆସିବାକୁ ପଡୁଛି କି?

ଦୁର୍ନୀତିଗ୍ରସ୍ତ ଶାସନ ପ୍ରଶାସନ ପାଇଁ 'ଛାଟ'ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି। ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାରର ଅଭିଯୋଗମାନ ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଅଣଏନଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି। ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ। କେନ୍ଦ୍ର ରାଜ୍ୟ ସମ୍ପର୍କରେ ସମୀକ୍ଷା ପାଇଁ ଗତ ବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସୁପ୍ରିମୋ ଏମ.କେ. ଷ୍ଟାଲିନ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି। ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି। ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟି ସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବନାହିଁ। ସେହିଭଳି 'ବନ୍ଦେ ମାତରମ'କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି। କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥାନ୍ତା।

ଆମ ସମ୍ବିଧାନ କେନ୍ଦ୍ର ରାଜ୍ୟ ସମ୍ପର୍କ, ସ୍ୱାୟତ୍ତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି। ଅଥଚ ରାଜ୍ୟପାଳ ମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି। ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳ ମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ। ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ। ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା। କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତ୍ୱର ଆହ୍ୱାନ ସୃଷ୍ଟି କରିଚାଲିଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ପୁନର୍ବାର ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି। ଅନେକ ସମୟରେ ଲାଗୁଛି ଯେପରି ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାର ହିଁ ଛଡେଇ ନିଆଯାଇଛି। ଏହା ଆମେ ସମସ୍ତେ ମନେ ରଖିବା ଉଚିତ ଯେ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ଓ ଏକ ସୁସ୍ଥ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତିଭୂମି ସୁଦୃଢ଼ ରହିବା ଦରକାର ଏହା ହିଁ ହେବ ସମ୍ବିଧାନ ପ୍ରତି ଯଥେଷ୍ଟ ସମ୍ମାନ ଯେଉଁଠି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ୍ଭ ମାନଙ୍କ ଅଧିକାର ଓ ସ୍ୱାଧୀନତା ସୁରକ୍ଷିତ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-mail : judhister009moharana@gmail.com

# କବି ପ୍ରସନ୍ନ ମିଶ୍ର

**ବାଦଲ ଭୂୟାଁ**

ଆମ ସମୟର ପ୍ରସିଦ୍ଧ ସାହିତ୍ୟିକ ଓ ଅଧ୍ୟାପକ ଡ.ପ୍ରସନ୍ନ କୁମାର ମିଶ୍ର, ଭଦ୍ରକ ଜିଲ୍ଲା ଧାମନଗର ଅନ୍ତର୍ଗତ ପିତେଇପୁର ଗ୍ରାମରେ ଜନ୍ମ ହୋଇଥିଲେ। ଉଚ୍ଚଶିକ୍ଷା ପରେ ସେ ଅଧ୍ୟାପନାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ। ଅଧ୍ୟାପନା ଓ ସାହିତ୍ୟ ସୃଷ୍ଟି ଏକ ସଙ୍ଗେ ଚାଲିଥିଲା। ଖରାରେ ବାଙ୍ଗରା ଲୋକ, ମନିକାର ପ୍ରିୟ, ଟ୍ରକଡାଲାରେ ସନାତନ, ଅଦୃଶ୍ୟ ସଙ୍ଗମ ଆଦି ତାଙ୍କର ପ୍ରସିଦ୍ଧ କବିତା ଗ୍ରନ୍ଥ। ଡ.ମିଶ୍ର ଏକାଧାରରେ କବି, ଔପନ୍ୟାସିକ, ଅନୁବାଦକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ପ୍ରାବନ୍ଧିକ। ଜନସେବକ ନାଟକ ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର। ତେବେ ସେ ନିଜକୁ କବି ଭାବେ ପରିଚିତ କରିବାକୁ ଚାହିଁଥିଲେ। କବିତା ମୋର ଜୀବନ। କବିତା ସବୁ ବେଳେ ଅତୃପ୍ତ। ମହା ଅସନ୍ତୁଷ୍ଟ ଜୀବ। ପରିତୃପ୍ତି ଆସେନାହିଁ କେବେ, ଆସିବାର ସମ୍ଭାବନା ବି ନାହିଁ। ପ୍ରତ୍ୟେକ କବିର ଜୀବନ ଅବସୋସର ସମୁଦ୍ର। ସାହିତ୍ୟରେ ସେ ନିଜ କଥା କହିଛନ୍ତି ପରିବେଶ ଓ ପରିବେଶରେ ଥିବା ଜନତା ଏବଂ ସେମାନଙ୍କର ଶ୍ରଦ୍ଧା ଓ ପ୍ରେମ କଥା କହିଛନ୍ତି ସମାଜ କଥା କହିଛନ୍ତି। ସମାଜର ଉର୍ଦ୍ଧ୍ୱରେ କିଛି ଥିବା ସେ ବିଶ୍ୱାସ କରୁନଥିଲେ। ତେଣୁ ସେ ସଂପର୍କରେ କିଛି କହିବାକୁ ଇଚ୍ଛା କରିନାହାନ୍ତି। ସାହିତ୍ୟ ସହ କଳ୍ପନା ସଂପର୍କିତ। ଏ ପ୍ରସଙ୍ଗରେ ସେ କହିଛନ୍ତି - କଳ୍ପନା ନ ମିଶିଲେ ସାହିତ୍ୟ ହୁଏନା। କିନ୍ତୁ ବ୍ୟକ୍ତିଗତ ଅନୁଭବଟାକୁ ସମଗ୍ର ଜନତା ପାଖରେ ପହଞ୍ଚାଇବାକୁ କଳ୍ପନାର ସାହାଯ୍ୟ ନେବାକୁ ହୁଏ। ଏହା ହିଁ ସାହିତ୍ୟ ସୃଷ୍ଟିର ସର୍ବକାଳୀନ ପରମ୍ପରା ପୁଣି, ବାସ୍ତବତାକୁ ସବୁ କଳ୍ପନାର ଜନ୍ମ। କଳ୍ପନାର କାମ ହେଲା, ଏକ ନୂତନ ବାସ୍ତବତା ତିଆରି କରିବା, ଯାହା ସାଧାରଣ ବାସ୍ତବତାରେ ଉନ୍ନତି ଆଣିବ। କଳ୍ପନା ନଥିଲେ ଜଣେ କବି ଅନ୍ୟାନ୍ୟ ଜୀବନକୁ ସ୍ପର୍ଶ କରିପାରିବନାହିଁ। ନିଜର ବ୍ୟକ୍ତିଗତ ପୃଥିବୀରେ ବନ୍ଦୀ ହୋଇରହିଯିବ। ୨୦୧୪ ଫେବୃଆରୀ ଆଜିର ଦିନରେ କଟକସ୍ଥିତ ମର୍କତନଗର ବାସଭବନରେ ଏହି ପ୍ରସିଦ୍ଧ କବିଙ୍କର ପରଲୋକ ହୋଇଥିଲା।

**୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫**

# ରାଜ୍ୟରେ ସ୍ୱୟଂ ଶାସିତ ଶିକ୍ଷାନୁଷ୍ଠାନ

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାର ଅନ୍ୟତମ ଗୌରବାମହ ପ୍ରାଚୀନତମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା ମହାବିଦ୍ୟାଳୟରେ ସ୍ୱୟଂଶାସିତ ମାନ୍ୟତା ଦାବିରେ ରିଲେ ଆନ୍ଦୋଳନ ଚାଲିଛି। ପ୍ରତୀକାତ୍ମକ ଭାବରେ ଏହି ବିରୋଧଭାଷ କେତେ ଦିନ ଚାଲିବ ତାହା ତ ଅନ୍ୟ କଥା କିନ୍ତୁ ଅନୁସନ୍ଧାନରୁ ଯାହା ଜଣାପଡ଼ିଛି ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡଜନରୁ ଉର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି। ତଥାପି ନିଜକୁ ସ୍ୱୟଂ ଶାସିତ ବୋଲି ଏଡି କଲେଜ ଗୁଡ଼ିକ ଦାବି କରୁଛନ୍ତି। ବିଡ଼ମ୍ବନା ହେଉଛି କେବଳ ୧ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ ସ୍ୱୟଂ ଶାସିତ ହୋଇ ରହିଛନ୍ତି। ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକ ସ୍ୱୟଂଶାସିତ କୁହାଯାଇପାରିବ ନାହିଁ। ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଶିକ୍ଷାବିତ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ ୨୯ ସ୍ୱୟଂଶାସିତ ରହିଛି। ତନ୍ମଧ୍ୟରୁ ୨୭ଟି ଅର୍ଥାତ୍ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି। ଏପରିକି ସବୁଠି ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୋଟ ୨୭ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି।

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟ ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି। ୨୯ଟି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ଟି ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡାକିଛନ୍ତି। କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁନାହାନ୍ତି। ମାନ୍ୟତା ନଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇ ଯିବାର ଆଶଙ୍କା ରହିଛି। ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି। ମାନ୍ୟତା ନଥିବା ମହାବିଦ୍ୟାଳୟର ଅଧକ୍ଷକଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି। ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି।

ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି। ୟୁଜିସିର କନଫର୍ମେଣ୍ଟ ଅଫ ଅଟୋନୋମସ ଷ୍ଟାଟସ ଓପନ କଲେଜ ଏବଂ ମେଜର୍ସ ଫର ମେଣ୍ଟେନାନ୍ସ ଅପ ଷ୍ଟାଣ୍ଡାର୍ଡ଼ସ ଇନ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଘଂନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଅନୁମତି ଦେଉଛନ୍ତି। ୟୁଜିସି ପକ୍ଷରୁ ଏ ନେଇ ବାରମ୍ବାର ତାଗିଦ ସତ୍ତ୍ୱେ ଓ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯେକୌଣସି ଜାତିର, ରାଜ୍ୟର ଯୁବ ଓ ଶିକ୍ଷିତ ବର୍ଗଙ୍କ ଭବିଷ୍ୟତ ହେଉଛି ମହାବିଦ୍ୟାଳୟ। ସ୍ୱୟଂଶାସିତ ବ୍ୟବସ୍ଥା ରହିବା ଦ୍ୱାରା ଶିକ୍ଷାନୁଷ୍ଠାନର ଅନେକ ଲାଭ ହୋଇଥାଏ। ଗବେଷଣାଲବ୍ଧ ଜ୍ଞାନ ଶିକ୍ଷାର୍ଥୀମାନେ ବହୁଧା ଭାବରେ ପାଇଥାନ୍ତି। ତେଣୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ରାଜ୍ୟର କୋଟି କୋଟି ଶିକ୍ଷିତବର୍ଗଙ୍କ ଶିକ୍ଷାର ଉନ୍ନତି ନିମିତ୍ତ ସ୍ୱୟଂଶାସିତ ନାମକୁ ମାତ୍ର ନକରି ଅସଲରେ ଶିକ୍ଷାନୁଷ୍ଠାନକୁ କେବଳ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରି ନୁହେଁ ବରଂ ଶିକ୍ଷାନୁଷ୍ଠାନର ବ୍ୟାପକ ବିକାଶ ପାଇଁ ଆଗେଇ ଆସନ୍ତୁ, ଏ ଦାୟିତ୍ୱ ଡବଲ ଇଞ୍ଜିନ ସରକାରଙ୍କ ଠାରୁ ରାଜ୍ୟବାସୀ ଆଶା କରିବା ସ୍ୱାଭାବିକ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଗର୍ଭନିରୋଧକର ପାର୍ଶ୍ୱ ପ୍ରତିକ୍ରିୟା

**ଡାକ୍ତର ଶୁଭଶ୍ରୀ ମିଶ୍ର**

ପ୍ରାୟତଃ ଅଧିକାଂଶ ମହିଳାଙ୍କ ଭିତରେ ଏକ ପ୍ରଶ୍ନ ଉଠିଥାଏ ଯେ ଗର୍ଭନିରୋଧକ ଔଷଧ ବ୍ୟବହାର କରିବା ନିରାପଦ କି? ହଁ, ଅଧିକାଂଶ ଗର୍ଭନିରୋଧକ ସାଧାରଣତଃ ମହିଳାଙ୍କ ଶରୀର ପାଇଁ ନିରାପଦ। ତେବେ ପରୀକ୍ଷା ପରେ ସେମାନଙ୍କୁ ଉପଯୁକ୍ତ ଔଷଧ ପ୍ରଦାନ କରାଯାଇଥାଏ। ସେହିପରି କେହି କେହି ପ୍ରଶ୍ନ କରନ୍ତି ଗର୍ଭନିରୋଧର ଉପାୟଗୁଡ଼ିକ ମଧ୍ୟରୁ ଅଧିକ ପ୍ରଭାବଶାଳୀ କେଉଁଟି? ଗର୍ଭନିରୋଧକ ପାଇଁ ବିଭିନ୍ନ ଉପାୟ ଯଥା କଣ୍ଡୋମ, ହରମୋନାଲ କଣ୍ଟ୍ରାସେପ୍ଟିଭ ପିଲ, କପର ଇଣ୍ଟ୍ରାୟୁଟେରିନ ଡିଭାଇସ ବ୍ୟବହାର କରାଯାଇଥାଏ। ଗର୍ଭଧାରଣକୁ ରୋକିବାରେ ଏସବୁ ୯୯ ପ୍ରତିଶତରୁ ଅଧିକ ଫଳପ୍ରଦ। ସ୍ଥାୟୀ ଗର୍ଭନିରୋଧକ ପଦ୍ଧତିଗୁଡ଼ିକ ହେଉଛି ମହିଳାଙ୍କ ଟ୍ୟୁବେକ୍ଟୋମି ଏବଂ ପୁରୁଷଙ୍କ ଭାସେକ୍ଟୋମି ବା ବନ୍ଧ୍ୟାକରଣ। ଏହିସବୁ ସର୍ଜରି ପଦ୍ଧତି ଅତ୍ୟନ୍ତ ପ୍ରଭାବଶାଳୀ।

ଏହାର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ସେଗୁଡ଼ିକ ହେଲା ଭିନ୍ନ ଭିନ୍ନ ଗର୍ଭନିରୋଧକର ଭିନ୍ନ ଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ରହିଛି। କଣ୍ଡୋମ ବ୍ୟବହାରରେ ଆଲର୍ଜିର ଆଶଙ୍କା ଥାଏ। ହର୍ମୋନାଲ ପିଲସ ଖାଇବା ଦ୍ୱାରା ବାନ୍ତି, ମୁଣ୍ଡବିନ୍ଧା, ବ୍ରଣ ଓ ମୁଡ଼ ସ୍ୱିଙ୍ଗ ହେବା ଦେଖାଯାଇଥାଏ। ଇଷ୍ଟ୍ରୋଜେନ ବ୍ୟବହାର ଦ୍ୱାରା ରକ୍ତ ଜମାଟ ବାନ୍ଧିଯାଏ। ଗର୍ଭାଶୟ ଭିତରେ ଲଗାଯାଉଥିବା ଦୁଇ ପ୍ରକାର ଗର୍ଭନିରୋଧକ ଉପକରଣ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ଗର୍ଭନିରୋଧକ ଯୋଗାଇଥାଏ କିନ୍ତୁ ଅନିୟମିତ ରକ୍ତସ୍ରାବ କିମ୍ବା ଦାଗ ସୃଷ୍ଟି କରିପାରେ। ଗର୍ଭନିରୋଧକ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକ ହେଉଛି, ଗର୍ଭନିରୋଧକ କାରଣରୁ ଅନିୟମିତ ପରିଅଡ଼, ହରମୋନ ପରିବର୍ତ୍ତନ ବା ବିରଳ କ୍ଷେତ୍ରରେ ରକ୍ତ ଜମାଟ ବାନ୍ଧିପାରେ। (କ୍ରମଶଃ)

# ଆପଣ ଟିପିଣୀ ଦିଅନ୍ତୁ ମନା ନାହିଁ ମାତ୍ର ଆଗେ ସତ୍ୟ ଅସତ୍ୟ ଠିକକରି ବୁଝି ନିଅନ୍ତୁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆପଣ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି, ଆପଣ ଉଚ୍ଚ ଶିକ୍ଷା ପାଇଛନ୍ତି, ଆପଣ ଜଣେ ଶିଳ୍ପପତି, ବଡ଼ ବ୍ୟବସାୟୀ। କୌଣସି ବିଷୟରେ ଭଲ ଭାବରେ ଟିକିନିଖି ନଜାଣି ସେ ବିଷୟରେ ମନ୍ତବ୍ୟ ଦିଅନ୍ତୁ ନାହିଁ, ମାନ ଅପମାନ ସୂତା ଖିଅରେ ଝୁଲୁଛି, ଏବେ କାମେରାରେ, ଫୋନ, ମାଇକ୍ରୋଫୋନରେ ମନ୍ତବ୍ୟ ଦେଉ ଦେଉ ଦୁନିଆ ଜାଣିଯିବେ, ଯହିଁରେ ଘଟଣା ଅସତ୍ୟ ଯଦି ଥାଏ, ମୁହୂର୍ତ୍ତ କରେ ସୁନାମରେ ସୁନାମୀ ଆସିଯିବ। ଶତ୍ରୁର ବାଦୁଡ଼ି ଜାଲ ସର୍ବତ୍ର ବସିଛି। ଆପଣମାନେ ଜାଣନ୍ତି ବାଦୁଡ଼ି ପକ୍ଷୀ ନୁହେଁ, କି ଦିବାଚର ନୁହେଁ, ତାକୁ ବଞ୍ଚିବାକୁ ପଡ଼ିବ ଏ ପାଇଁ ସେ ଖାଦ୍ୟ ଯୋଗାଡ଼କୁ ଯିବ ମାତ୍ର ଜାଲରେ ପଡ଼ିଯାଇପାରେ। ଏପରି ବୁଦ୍ଧିରେ ଜୀବିକା ବୃତ୍ତି ଲିପ୍ତମାନେ କଷ୍ଟ ଭୋଗ କରିବାକୁ ପଡ଼େ। ଦିନଥିଲା ରାଜା, ଜମିଦାର ମାନେ ତାଙ୍କ କାର୍ଯ୍ୟ ବିରୁଦ୍ଧରେ କେହି ମୁଣ୍ଡ ଟେକିଲେ, ସ୍ୱର ଉତ୍ତୋଳନ କଲେ ତାଙ୍କ ଗର୍ଦ୍ଦନ କଟୁଥିଲା। ଚାବୁକ ମାଡ଼ ନାନାଦି ଶାରୀରିକ ଦଣ୍ଡ ମିଳୁଥିଲା। ଛଳନା ବନ୍ଧୁତ୍ୱ ବାନ୍ଧି ମହଲ ଡାକି ଭୋଜନରେ ପାନୀୟରେ କାଳକୂଟ ଦେଇ ପଥ ପରିଷ୍କାର କରୁଥିଲେ।ରାଜା ତାଙ୍କ କାମନା ତୃପ୍ତି ପାଇଁ ଏକାଧିକ ନାରୀ ସହ ସମୟ ନିତ୍ୟ କାଟିଲେ ବି କିଛି ଯୁବକ ମାନଙ୍କୁ ବର୍ଷ ବର୍ଷ ଧରି ବେଠି ଖଟାଇ ମହଲ, ପୁଷ୍କରିଣୀ, ମନ୍ଦିର କରାଇ, ଯୁବକର ଯୌବନ କାଳ ସ୍ତ୍ରୀ ସଙ୍ଗ ଛେଦ କରାଇ ଦେଉଥିଲେ। ଯେଉଁ କୋଣାର୍କ ମନ୍ଦିର, ତାଜମହଲ ଆଜି ସ୍ୱାମୀ ସ୍ତ୍ରୀ ଯୋଡ଼ି ଦେଖୁଛନ୍ତି, ଆନନ୍ଦ ଅନୁଭବ କରୁଛନ୍ତି, ଟିକେ ଭାବିଲେ, ତାହାର ନିର୍ମାଣ କାଳର ସମୟରେ କେତେ ଯୁବକ କଳାକାର ଶିଳ୍ପୀ ତାଙ୍କ ଯୁବତୀ ପତ୍ନୀଙ୍କ ଠାରୁ କେତେ ଦିନ ବିଚ୍ଛେଦ ନଥିବେ। ରାଜା, ଧର୍ମକୁ ନିଜ ନିୟମରେ ନିଅନ୍ତି, ନେଲେ ବି ତତ୍କାଳୀନ ଜ୍ଞାନୀ ଗୁଣୀ ଆଖି ଥାଇ ଅନ୍ଧ ଅଭିନୟ କରୁଥିଲେ, ରାଜାଚକ୍ଷୁରେ ସୁନ୍ଦରୀ ଗନ୍ତବ୍ୟରେ ଭେଟହେଲେ ସେ ସୁନ୍ଦରୀ ଶିକାର ହେଉଥିଲେ। ସେ ଯେଉଁ ଜାତିର କନ୍ୟା ହେଉ ନା କାହିଁକି? ସେ ସୁନ୍ଦରୀ ରାଜମହଲ ଦାସୀ, ତାଙ୍କ ସନ୍ତାନ ଦାସୀ ପୁତ୍ର ଦାସ ହେଉଥିଲେ। ଏତିକିରେ କଥା ସରୁନଥିଲା ରାଜାଙ୍କର ଧର୍ମ ଜ୍ଞାନକୁ ସମସ୍ତେ ତରିହରି ମାନ୍ୟତା ଦେଇ ତାହା ଉତ୍କୃଷ୍ଟ କହି ସାର୍ବଜନୀନ ମାନ୍ୟତା ଦେଉଥିଲେ। ଆମ ଦେଶରେ ପିତୃ କେନ୍ଦ୍ରିକ ଗୋତ୍ର, ଜାତି, ଧର୍ମ ଯେଉଁ କାରଣରୁ ଧାର୍ଯ୍ୟ ଥିଲା ଓ ତାକୁ ପରବର୍ତ୍ତୀ କାଳରେ ଭାରତକୁ ବାରବାର ଆକ୍ରମଣକାରୀମାନେ ଫାଇଦାରେ ନେଇକି ଆଜି ତାଙ୍କ ବଂଶ ବିସ୍ତାର ଚାଲିଛି, ଆମେ ଦୁଇ ଆମର ଦୁଇ ସ୍ଲୋଗାନ ଯାହା କିଛି ବର୍ଷ ଆଗରୁ ପ୍ରଚାର ଚାଲିଥିଲା ସେଥିରେ ସେମାନେ କେବେ ସାମିଲ ହୋଇନାହାନ୍ତି। ହେଲେ ଜନଗଣନା ଯେଉଁ ପ୍ରତି ଦଶ ବର୍ଷରେ ହେବା କଥା ନିୟମ ଅନୁସାରେ ୨୦୨୧ର କ୍ରମ ଆଜି ୨୦୨୬ରେ ପହଞ୍ଚିଲାଣି ଯଦି ଏହା ସୁଚାରୁରୂପେ ନ ହୁଏ, ଅସମ୍ଭାଳ ସ୍ଥିତି ହେବା ଅସମ୍ଭବ ନୁହେଁ, ଯୁଆଡ଼େ ଚାହଁ ଖାଲି ଘର ହିଁ ଘର, ମାଳ ମାଳ ଲମ୍ବା ଚଉଡା ରାସ୍ତା କଳକାରଖାନା, ଶସ୍ୟ କ୍ଷେତ୍ର ବିଲୁପ୍ତ, ଲୋକେ ଖାଇବେ କ'ଣ? ଧର୍ମ ବଦଳାଇ ଲୋକେ ରାଜ ଅନୁଗ୍ରହିତ ହେଉଥିଲେ, ଏବେ ଦଳ ବଦଳାଇ ରାଜାନୁଗ୍ରହ ପ୍ରାପ୍ତି ଚିନ୍ତା ଗ୍ରାସ କଲାଣି। ଗୀତା ବର୍ଣ୍ଣିତ ବର୍ଣ୍ଣଶଙ୍କର ବେଳକୁ ବେଳ ମାନବଜାତିରେ, ପଶୁରେ, ପକ୍ଷୀରେ, ବୃକ୍ଷଲତାରେ ବଢ଼ି ଚାଲିଲାଣି। ଅନେକ ଜ୍ଞାନୀ ଅଛନ୍ତି କେହି ଆମର ଧର୍ମ ଶାସ୍ତ୍ରକୁ ଥରେ ବି ପଢ଼ି ନାହାନ୍ତି, ପଢ଼ିବାକୁ ଅବସର ପାଉନାହାନ୍ତି। ଇଂରାଜୀ ପାଠ ପଢ଼ା ପ୍ରାଥମିକରୁ ଆରମ୍ଭ ପିଲାମାନଙ୍କର ହେଲାଣି, ସେମାନେ ଆଉ ସେ ପୁରୁଣା ଶାସ୍ତ୍ରକୁ କେମିତି ପଢ଼ିବେ? ରାଜନୀତିରେ ରାଜା ମୁଖ୍ୟ, ଏବେ ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ ଆଦି ସେ ପଦବୀରେ ଜମିଦାରୀରେ ସେମିତିକା ନେତା ଛାର ହୋଇ ରହି ଅଛନ୍ତି କିନ୍ତୁ ଧର୍ମ ଜ୍ଞାନର ଜ୍ଞାନୀ ଅଭାବ ବଢ଼ି ବଢ଼ି ଚାଲିଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ମାଲକାନଗିରିରେ ୧୦୨୫ କେଜି ଗଞ୍ଜେଇ ଜବତ: ଟ୍ରକ୍ ସହ ଚାଳକ ଗିରଫ



ମାଲକାନଗିରି,(ମହାଭାରତ): ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ପୁଲିସର ବଡ଼ ସଫଳତା ମିଳିଛି। ଏମ୍ଭି-୭୯ ଥାନା ପୁଲିସ ଶୁକ୍ରବାର ଏମ୍ଭି-୯୬ ଛକ ନିକଟ ଜାତୀୟ ରାଜପଥ-୩୨୬ରେ ଚଢ଼ାଉ କରି ୧୦୨୫ କେଜି ଗଞ୍ଜେଇ ଜବତ କରିଛି। ସହିତ ଗଞ୍ଜେଇ ବୋଝାଇ ନେଉଥିବା ଏକ ଟ୍ରକ୍କୁ ମଧ୍ୟ କବଜା କରାଯାଇଛି।ପୁଲିସ ସୂଚନା ଅନୁସାରେ, ଦିନ ପହରା ବେଳେ ବିଶ୍ୱସନୀୟ ସୂଚନା ମିଳିବା ପରେ ଏମ୍ଭି-୭୯ ଥାନା ଟିମ୍ ଉକ୍ତ ସ୍ଥାନରେ ଗାଡ଼ି ଯାଞ୍ଚ କରୁଥିଲା। ସେ ସମୟରେ ଏଚ୍‌ଜ-୩୮ଟ-୧୮୦୭ ନମ୍ବର ବିଶିଷ୍ଟ ଏକ ଗୁଡ୍ସ କ୍ୟାରିଅର୍‌କୁ ଅଟକାଇ ତଲାଶି କରାଯାଇଥିଲା। ଟ୍ରକ୍ରୁ ୪୧ଟି ପ୍ଲାଷ୍ଟିକ ବସ୍ତାରେ ରହିଥିବା ମୋଟ ୧୦୨୫ କେଜି ଗଞ୍ଜେଇ ଜବତ ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏହି ଗଞ୍ଜେଇ ହାଇଦ୍ରାବାଦ, ଚାଲାଣ ହେଉଥିବା ଜଣାପଡ଼ିଛି।ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଝାବର ସିଂହ (୪୨)ଙ୍କୁ ପୁଲିସ ଗିରଫ କରିଛି। ସେ ରାଜସ୍ଥାନର ନାଗୌର ଜିଲ୍ଲା ନିବାସୀ ବୋଲି ଜଣାଯାଇଛି। ଉଚ୍ଚ ଲାଭର ଲୋଭରେ ସେ ଏହି ଗଞ୍ଜେଇ ଚାଲାଣ କରୁଥିବା ତଦନ୍ତରୁ ସୂଚିତ ହୋଇଛ। ଏହି ଚକ୍ରରେ ଆହୁରି କେତେଜଣ ଜଡିତ ଅଛନ୍ତି ସେନେଇ ପୁଲିସ ତଦନ୍ତ ଜାରି ରଖିଛି।ଏହି ଘଟଣାରେ ଏମ୍ଭି-୭୯ ଥାନାରେ କେସ୍ ନଂ-୨୯/୨୦୨୬ ରୁଜୁ ହୋଇ ଘଉଟଙ୍କ ଇମଷ୍ଟର ଧାରା ୨୦(ବି)(ଆଇଆଇ)(ସି)/ ୨୭-ଏ/ ୨୯ ଅନୁଯାୟୀ ମାମଲା ପଞ୍ଜିକୃତ ହୋଇଛି। ଇନ୍ସପେକ୍ଟର ପୂର୍ଣ୍ଣିମା ଟେଟେ ଅଭିଯୋଗକାରିଣୀ ହୋଇଥିବା ବେଳେ ମୋଟୁ ଥାନାର ଏସ୍ଆଇ ସୁବ୍ରତ କୁମାର ପାଣିଗ୍ରାହୀ ମାମଲାର ତଦନ୍ତ ଦାୟିତ୍ୱ ନେଇଛନ୍ତି।

## ପକ୍କା ରାସ୍ତା ଓ ବିଦ୍ୟୁତ ନଥିବା ଗ୍ରାମ ତେନ୍ତୁଳିପଡ଼ା

ଝରିଗାଁ :ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିପଡା ଗ୍ରାମ ସ୍ଥାପନର ୪୫ ବର୍ଷ ପରେ ମଧ୍ୟ ବିଭିନ୍ନ ସମସ୍ୟା ରହିଛି। ଝରିଗାଁ ବ୍ଲକ ଠାରୁ ୭ କିଲୋମିଟର ଦୂରରେ ଥିବା ବେଳେ ପଞ୍ଚାୟତ ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ। ଉକ୍ତ ଗ୍ରାମରେ ପ୍ରାୟ ୧୫ ପରିବାର ରହୁଥିବା ବେଳେ ସମସ୍ତେ ପ୍ରାୟ ଚାଷ ଉପରେ ନିର୍ଭର କରୁଛନ୍ତ।ପ୍ରଶାସନ ପକ୍ଷରୁ ରେଖାମାଳ ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇ ଥିବା ବେଳେ ରେଖାମାଳ ଗ୍ରାମ ଠାରୁ ପ୍ରାୟ ୩ ଶହ ମିଟର ଦୂର ତେନ୍ତୁଳିପଡା ଗ୍ରାମ ପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇ ନାହିଁ। ଫଳରେ ଗ୍ରାମବାସୀଙ୍କୁ ବର୍ଷା ଦିନ ଗୁଡିକରେ ଯାତାୟତରେ ସମସ୍ୟା ହେଉଛି। ବର୍ଷା ଦିନ ରାସ୍ତାରେ କାଦୁଅ ଓ ଚିକିଟା ମାଟି ଯୋଗୁଁ ଆମ୍ବୁଲାନ୍ସ ଯାତାୟତ ହେଉ ନାହିଁ। ତେଣୁ ଗ୍ରାମବାସୀଙ୍କୁ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଖଟିଆ ନହେ ଭାରରେ ବୋହି ରେଖାମାଳ ପର୍ଯ୍ୟନ୍ତ ନେବାକୁ ପଡ଼ିଥାଏ।ସେହିଭଳି ରେଖାମାଳ ଗ୍ରାମରେ ପ୍ରଶାସନ ପକ୍ଷରୁ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ୩ ଶହ ମିଟର ଦୂରରେ ଥିବା ତେନ୍ତୁଳିପଡ଼ା ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇନାହିଁ। ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଗ୍ରାମର ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ସମସ୍ୟା ଦେଖା ଦେଇଛି। ଛାତ୍ରଛାତ୍ରୀମାନଙ୍କୁ ଡିବିରି ଆଲୁଅ ଭରସା। ବିଦ୍ୟୁତ ନଥିବା ଯୋଗୁଁ ଭାଲୁ



ଓ ସରୀସୃପ ପ୍ରାଣୀଙ୍କ ଭୟରେ ସନ୍ଧ୍ୟା ହେଲେ ଗ୍ରାମରେ ତାଟି କବାଟ ବନ୍ଦ ହୋଇଯାଏ। ଗ୍ରାମରେ ପ୍ରଶାସନ ପକ୍ଷରୁ ଏକ ମାତ୍ର ନଳକୂପ ଥିବା ବେଳେ ଖରା ଦିନ ଗୁଡିକରେ ନଳକୂପରୁ ଯଥେଷ୍ଟ ପାଣି ବାହାରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ହାଣ୍ଡିଏ ପାଣି ପାଇଁ ଭୋର ସକାଳୁ ଉଠି ନଳକୂପରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପାଇଁ ପଡୁଛି।ନଳକୂପରେ ଭିଡ଼ ହେଲେ ୩ ଶହ ମିଟର ଦୂରରେ ଥିବା ଫେଗୁଡ଼ା ଛକ ନିକଟରେ ନଳକୂପ ଉପରେ ନିର୍ଭର କରୁଛନ୍ତି।ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ନାହିଁ୍ୟ ୧ କିଲୋମିଟର ଦୂର କଟିଦୋରା ଅଙ୍ଗନବାଡ଼ି କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କଟିଦୋରା ଅଙ୍ଗନ ବାଡ଼ି କେନ୍ଦ୍ର ଯିବା ପାଇଁ ଚିକିଲି ନଦୀ ପାର ହୋଇ ଯିବା ପାଇଁ ପଡେୟ ତେଣୁ ଅଭିବାହକ ମାନେ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା କହିଛନ୍ତି। ଗ୍ରାମରେ ବହୁ ଯୋଗ୍ୟ ହିତାଧିକାରୀ ରହିଥିବା ବେଳେ ସକକାରଙ୍କ ବିଭିନ୍ନ ଯୋଜନାରୁ ବାଦ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ସମସ୍ୟା ନେଇ ବହୁ ବାର ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି ସୁଫଳ ମିଳୁନାହ। ତେଣୁ ତୁରନ୍ତ ତେନ୍ତୁଳିପଡ଼ା ଗ୍ରାମର ସମସ୍ୟାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ଗ୍ରାମର ପ୍ରଫୁଲ୍ଲ ସାନ୍ତା, ପୁଲୁ ସାନ୍ତା, କୃଷ୍ଣ ସାନ୍ତା, ନାଥ ସାନ୍ତା, ଗଙ୍ଗା ସାନ୍ତା, ବଳରାମ ସାନ୍ତା, କୁଶ ସାନ୍ତା ଗୁରୁବାରୀ ସାନ୍ତା, ଦସାଇ ସାନ୍ତା, ନାୟକା ସାନ୍ତା, ସୁନ୍ଦରୀ ସାନ୍ତା, ବାଳମତି ସାନ୍ତା ପ୍ରମୁଖ ଦାବି କରିଛନ୍ତି।

### ପାରାଦୀପରେ ସାରସ୍ୱତ ଆସର ଓ କବିତା ପାଠୋତ୍ସବ


## ଲୋକମୁଖର ଭାଷା ବ୍ୟବହାର ସାହିତ୍ୟ କାଳଜୟୀ ହୋଇପାରିବ




ପାରାଦ୍ୱୀପ (ମହାଭାରତ) ସାହିତ୍ୟରେ ମଣିଷର ଭାବାବେଗ, ଅଭାବବୋଧ, ଅସହାୟ ଓ ଜୀବନରେ ଘଟିଯାଉଥିବା ଘଟଣା ସାଧାରଣ ଭାଷାରେ ରୂପ ପାଇ ପାରିଲେ ତାହା ଜନାଦୃତ ହୋଇପାରିବ ବୋଲି ପାରାଦୀପ ଠାରେ ଆୟୋଜିତ ସାରସ୍ୱତ ଆସରରେ ମତ ପ୍ରକାଶ ପାଇଛି। ଓଡିଶା ସାହିତ୍ୟ ଏକାଡ଼େମୀ ଓ ମେଘମହ୍ଲାର ମିଳିତ ସହଯୋଗରେ ପାରାଦୀପ ବନ୍ଦର ଅଫିସର୍ସ କ୍ଲବ ସଭା କକ୍ଷରେ ସଭାପତି ଡକ୍ଟର କେଶବଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଏକଦିବସୀୟ ସାରସ୍ୱତ ଆସର ଓ କବିତା ପାଠୋତ୍ସବକୁ ସାଂସଦ ଡ଼ଃ.ବିଭୂପ୍ରସାଦ ତରାଇ ଉଦଘାଟନ କରି ସାହିତ୍ୟ ସମାଜର ଦିକ୍ଷାଗୁରୁ ଭାବରେ ମଣିଷର ଆବେଗ ସହିତ ଯୋଡି ହେବା ସହିତ ଜୀବନକୁ ଦିଗ୍ ଦର୍ଶନ ଦେଇଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ଡକ୍ଟର ରଞ୍ଜିତା ନାୟକ ସାହିତ୍ୟ ବିନା ସୁନ୍ଦର ସମାଜ ଅସମ୍ଭବ ବୋଲି କହିଥିଲେୟ ମୁଖ୍ୟବକ୍ତା ଓଡିଶା ସାହିତ୍ୟ ଏକାଡ଼େମୀ ପୁରସ୍କୃତ କବି ପୀତାମ୍ବର ତରାଇ ସତ୍ୟର ଅନୁଶରଣ କରିବା ପାଇଁ ସାହିତ୍ୟ ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। କ୍ୟାନମାସ ସଂପାଦକ ଶ୍ରୀମନ ନାରାୟଣ ମିଶ୍ର,କବି ଚିରଶ୍ରୀ ଇନ୍ଦ୍ରସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ନାନା ଦିଗ ଉପରେ ଆଲୋକପାତ କରିଥିଲେ। ଜଗତସିଂହପୁରର ତିନିଜଣ ସୃଜନ ସାଧକ ଡକ୍ଟର ରଘୁ ସାହୁ,ଶରତ କୁମାର ମହାପାତ୍ର ଓ ଇଂ.ନିର୍ମଳ ଚନ୍ଦ୍ର ରାଉତକୁ ଯଥାକ୍ରମେ ଆଦିକବି ସାରଳାଦାସ ସାଧନା ସମ୍ମାନ, ସାରଳା ଦାସ ସାହିତ୍ୟ ସମ୍ମାନ, ଶୁଦ୍ରମୁନି କାବ୍ୟ କବିତା ସମ୍ମାନ ସହିତ ଉପଢୌକନ, ମାନପତ୍ର ସନନ୍ଦ ପ୍ରଦାନ କରିଯାଇଥିଲା । ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ର ଶେଖର ହୋତା ସାହିତ୍ୟ ମାନବବାଦର ଜନ୍ମଦାତା ବୋଲି କହିବା ସହିତ ସାହିତ୍ୟିକ ମାନଙ୍କ ଭାବାବେଗ ସହିତ ଯୋଡିହେବା ପାଇଁ ଏକାଡେମୀର ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଦିତୀୟ ଅଧିବେଶନରେ ଡକ୍ଟର ରଘୁ ସାହୁଙ୍କ ପୌରହିତ୍ୟରେ ଅତିଥି କବି ଉମାକାନ୍ତ ନାୟକ, ମୋନାଲିସା ସଂପାଦିକା ସଂଘମିତ୍ରା ସ୍ୱାଇଁ,କବି ଅୟସକାନ୍ତ କବିତା ହେଉଛି ଶ୍ରେଷ୍ଠ ଓ ଶକ୍ତିଶାଳୀ ଅସ୍ତ୍ର କାମନାକୁ ବିନାଶ କରିପାରିବ ବୋଲି କହିଥିଲେ। କବି ପ୍ରଭାତୀ ମାଝୀ, ସଂଗୀତା ପଣ୍ଡା, ତୁଳସୀ ବରାଳ,ମହାଶ୍ୱେତା ଓଝାଙ୍କ ସଂଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଅମିୟ ମହାପାତ୍ର, ମୋହିତ ଚକ୍ରବର୍ତ୍ତୀ,ପ୍ରେମାନନ୍ଦ ଖଣ୍ଡୁଆଳ, ବନମାଳୀ ସେନାପତି,ବାମଦେବ ସ୍ୱାଇଁ,ରମେଶ ପତି,କାମଦେବ ମହାରଣା, ବିଜୟ ମୁଦୁଲି,ଉମାକାନ୍ତ ମହାପାତ୍ର, ପୂଜାଶ୍ରୀ ସେଠୀ,ସୁଶ୍ରୀ ଶୁଭସ୍ମିତା ମିଶ୍ର,ଦିପ୍ତି ଖଣ୍ଡୁଆଳ, ଗୀତା ଦାସ,ରମେଶ ବହିରା ,ମନ୍ମଥ ବରାଳ,ଡକ୍ଟର ଶ୍ରୀଧର ସାମଲ,ବୃନ୍ଦାବନ ଦାସ ପ୍ରମୁଖ ଶହେରୁ ଉର୍ଦ୍ଧ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।ଆରମ୍ଭରେ ଏକାଡମୀର ସହ ସଚିବ ସଂଜୟ ଛୁଆଳସିଂହ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ବିଜୟ ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ସମେତ ୨ ଜଣଙ୍କୁ ଦଳିଦେଲା ଦନ୍ତା

### ମୃତକଙ୍କ ପରିବାରକୁ ୧୦ ଲକ୍ଷ ଲେଖାଏଁ ସହାୟତା ଘୋଷଣା



ଦିଗପହଣ୍ଡି: ଗଞ୍ଜାମଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ପଞ୍ଚାୟତ ଜଲମେରିପଲ୍ଲୀ ପାଇଁ ଆଜି ଥିଲା ଅଶୁଭ ସକାଳ। ସବୁଦିନ ଭଳି ଆଜି ମଧ୍ୟ ଭୋରରେ ଗ୍ରାମର ସୀମା□ଳ ରାଉତଙ୍କ ପତ୍ନୀ ଉର୍ମିଳା ରାଉତ (୫୧) ଓ ଆଉ ଜଣେ ଗ୍ରାମବାସୀ ଗୋପୀନାଥ ପ୍ରଧାନ(୬୦) ପରିବା ତୋଳିବାକୁ ବଗିଚାକୁ ଯାଇଥିଲେ। ପରିବା ଆଣିଥିଲେ, କିଛି ବେପାର ଆଉ କିଛି ରୋଷେଇ ହୋଇଥା'ନ୍ତାୟ ହେଲେ ପରିବା ତୋଳିବା ବେଳେ ହଠାତ୍ ଆଖି ପିଛୁଳାକେ ନିକଟ ଘୋଡ଼ାହାଡ଼ ନଦୀପଠାରୁ ଏକ ଦନ୍ତାହାତୀ ମାଡ଼ିଆସିବାରୁ ପ୍ରାଣ ବଞ୍ଚାଇବାକୁ ଉଭୟ ଦୌଡ଼ିଥିଲେ। ଦୌଡ଼ିବା ବେଳେ ହିଡ଼ରେ ଝୁଣ୍ଟି ପଡ଼ିଯିବାରୁ ଉର୍ମିଳାଙ୍କୁ ହାତୀ ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପରେ ହାତୀଟି ଗୋପୀନାଥଙ୍କୁ ଶୁଣ୍ଢରେ ୨ ଥର କଚାଡ଼ି ଦେଇ ଜଙ୍ଗଲ ଭିତରକୁ ଚାଲିଯାଇଥିଲାୟ ସ୍ଥାନୀୟ ଲୋକେ ଗୋପୀନାଥଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ହେଁ, ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ରେଞ୍ଜର୍ ରୂପକ କୁମାର ପ୍ରଧାନ ଓ ଭୀଷ୍ମଗିରି ବନପାଳ ଦେବାଶିଷ ଶତପଥୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦିଗପହଣ୍ଡି ଥାନାରେ କେସ୍ ନମ୍ବର ୭/୨୬ ଓ ୮/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ରହ୍ମପୁର ବଡ଼ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଗ୍ରାମରେ ଅନ୍ତିମ ସତ୍କାର କରାଯାଇଛି। ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ତହସିଲଦାର ସନ୍ତୋଷ କୁମାର ସାହୁ, ବିଜେଡି ନେତା ବିପ୍ଳବ ପାତ୍ର ଓ ଫାସିଗୁଡ଼ା ପଞ୍ଚାୟତ ସରପ□ ପ୍ରତିନିଧି ଶିବରାମ ପ୍ରଧାନ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ବନ ବିଭାଗ ପକ୍ଷରୁ ୨ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।ଅନ୍ୟପକ୍ଷରେ ଗତ ମାସେ ହେଲା ଏକ ହାତୀ ଗଜପତି ଜିଲ୍ଲା ଲଖାରୀ ଅଭୟାରଣ୍ୟରୁ ଗୋଠଛଡ଼ା ହୋଇ ତପ୍ତପାଣି ନିକଟ ଝଟିକାବାଡ଼ ଜଙ୍ଗଲ ଦେଇ ଆସି ଦିଗପହଣ୍ଡି ବ୍ଲକ୍ ଭୀଷ୍ମଗିରି, ଚଷାନିମଖଣ୍ଡି, ସହଦେବଟିକରପଡ଼ା ଓ ନିମଖଣ୍ଡିପେଣ୍ଠ ଆଦି ଅଞ୍ଚଳରେ ଆତଙ୍କ ଖେଳାଇଥିଲା। ଭୀଷ୍ମଗିରି ସେକ୍ସନର କର୍ମଚାରୀ ଟ୍ରାକର୍ଙ୍କ ସହାୟତାରେ ହାତୀକୁ ଠାବ କରି ଜଙ୍ଗଲକୁ ଘଉଡ଼ାଇଥିଲେ। ହେଲେ ହାତୀଟି ପୁଣି ଜଙ୍ଗଲରୁ ଫେରି ଆସି ଏହି କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି। ସେହିପରି ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନା□ଚଳ ପାଟପୁର ସେକ୍ସନ୍ ରତନେଇ ନିକଟ ଜଙ୍ଗଲରେ ୪ ହାତୀ ରହୁଛନ୍ତି। ଏହି ପଲରୁ ଜଲମେରିପଲ୍ଲୀ ଅଞ୍ଚଳକୁ ହାତୀ ଯାଇଛି କି ନାହିଁ ଏନେଇ ଟ୍ରାକିଂ କରାଯାଉଥିବା ଦିଗପହଣ୍ଡି ରେଞ୍ଜର୍ ଦିବ୍ୟରଞ୍ଜନ ସାହୁ ସୂଚନା ଦେଇଛନ୍ତି। ସଂପ୍ରତି ଆବଶ୍ୟକ ପାଣି ଓ ଖାଦ୍ୟ ଅଭାବରୁ ହାତୀ ଜନବସତିକୁ ମାଡ଼ି ଆସୁଛନ୍ତି। ଗତ ୨୦ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ଓ ହାତୀଙ୍କ ବାସସ୍ଥଳୀ ନଷ୍ଟ କରାଯିବା ସହ ଲଖାରୀ ଅଭୟାରଣ୍ୟ ଭିତରେ ବେଆଇନ ଜନବସତି ଗଢ଼ିଉଠିବା କାରଣରୁ ହାତୀ ଗାଁମୁହାଁ ହେଉଛନ୍ତି।

## ଭଦ୍ରକରୁ ଆନ୍ଧ୍ର ଗଲା ଧାନ

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଚାଷୀ ଆଉ ସରକାରୀ ମଣ୍ଡିକୁ ଭରସା କରି ପାରିଲେ ନାହିଁ। ଗାଁଗାଁରେ ରାତିରେ ବୁଲୁ ଥିବା ଆନ୍ଧ୍ର ଧାନ ବେପାରୀଙ୍କ ହାତକୁ ଟେକି ଦେଲେଣି ଧାନ। ଯାହା ମିଳୁଛି ମିଳୁୟ ଆଗକୁ ଆସୁଛି ଲଘୁଚାପ ବର୍ଷା। ଆଉ ଧାନ ବସ୍ତା ରଖି ରାତି ଅନିଦ୍ରା ହୋଇ ମଣ୍ଡିରେ ବିକଳ ବସ୍ତାରେ ଶୋଇ ହେବ ନାହିଁ। ଧାନ ଚାଷ କରି ଯାହା ପାପ କରିଛୁ। ଆଉ ତାହା ଭୁଲି ହେବ ନହିଁୟ ସରକାର ଧାନ ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କୁ ଚଳିତ ବର୍ଷ ଭଲ ହଲାପଟା କଲେ। ବାଧ୍ୟ ହୋଇ ଚାଷୀ ଆଉ ସହ୍ୟ କରି ନପାରି ପଶ୍ଚିମବଙ୍ଗ ଆଉ ଆନ୍ଧ୍ରପ୍ରଦେଶ ବେପାରୀଙ୍କୁ ନିଜର ଧାନକୁ କମ ମୂଲ୍ୟରେ ଟେକି ଦେବାକୁ ବାଧ୍ୟ ହୋଉଛି।ଗତ ଏକ ସପ୍ତାହ ଭିତରେ ହଜାର ହଜାର ବସ୍ତା ଧାନ ଆନ୍ଧ୍ର ଆଉ ପଶ୍ଚିମବଙ୍ଗ ବେପାରୀ ଭଦ୍ରକ ଜିଲ୍ଲାରୁ ବୋହି ନେଇ ଗଲେଣିୟ ରାତି ଅଧିଆ ଏହି ବେପାରୀମାନେ ଗାଡି ଧରି ଗାଁ ଭିତରକୁ ପସୁଛନ୍ତି। ଏଠି ଆଉ ବାହାର ବେପାରୀ ଏଫ୍ଏକ୍ୟୁ ମାନର ଧାନ ଦେଖୁ ନାହିଁ। ସବୁ ଧାନକୁ ଉଠାଇ ନେଉଛ। କିନ୍ତୁ ବେପାରୀ ଚାଷୀକୁ କୁଇଟାଲ ପିଛା ୧୭ ଶହ ରୁ ୧୮ ଶହ ଟଙ୍କା ଦେଉଛି। ଚାଷୀ ବି ଦେଖୁଛି। ଲାଭ ନହେଲା ନାହିଁ। ମୂଳେମୂଳେ ଧାନ ଟଙ୍କା ଉଠି ଯାଉଛ। ବେପାରୀଙ୍କୁ କମ ମୂଲ୍ୟରେ ଧାନ ଟେକି ଦେଲାବେଳେ ଚାଷୀଙ୍କୁ କିଛି ତକଲିକ ହେଉ ନାହିଁ। ବେପାରୀ ଆସି ଚାଷୀ ଖଳାରୁ ଧାନ ଗାଡି ଲଗାଇ ଉଠାଇ ନେଉଛି। ଯାହା ଟଙ୍କା ମିଳୁଛ। ନଗଦ ଟଙ୍କା ମଧ୍ୟ ମିଳି ଯାଉଛି।ଚଳିତ ବର୍ଷ ଚାଷୀ ଧାନ ଚାଷ କରି ଯେଉଁ ଦୁଇ ପଇସା ଲାଭ କରିବାକୁ ଯୋଜନା କରିଥିଲା। ତାର ସେ ଯୋଜନା ଫସର ଫାଟି ଯାଇଛି। ଧାନ ବିକ୍ରି କରି ପୁଣି ଦାଦନ ଖଟିବାକୁ ପଳାଇବ ବୋଲି ବାହାରିଲାଣି। ଓଡ଼ିଶାରେ ଧାନ ଚାଷ କରି ବର ଦୁଆର ବୁଲିବା ଅପେକ୍ଷା ଦାଦନ ଖଟି ଦୁଇ ପଇସା ରୋଜଗାର କରିବାର ଆନନ୍ଦ ରହିଛି ବୋଲି ଭଦ୍ରକ ଜିଲ୍ଲାର ବହୁ ଚାଷୀ ନିଜର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶ୍ରୀ ସ୍ୱପ୍ନେଶ୍ୱରଙ୍କ ପୀଠରେ ଅଷ୍ଟପ୍ରହର ନାମ ଯଜ୍ଞ

ବାଲିପାଟଣା,(ମହାଭାରତ)ବାଲିପାଟଣା ବ୍ଲକ ତୁରିନ୍ତିରା ପଞ୍ଚାୟତ ବାଗଲପୁର ମୌଜାର ଆରାଧ୍ୟ ଦେବତା ଶ୍ରୀ ସ୍ୱପ୍ନେଶ୍ୱରଙ୍କ ମହାଦେବ ଙ୍କ ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମ ଯଜ୍ଞ ସଂକୀର୍ତନ ସମାପନ ହୋଇଯାଇଅଛି। ଗୁରୁବାର ଦିନ କଳସ ସ୍ଥାପନ ଓ ସୁବାଧିବାସ, ଶୁକ୍ରବାର ଅହୋରାତ୍ର ନାମଯଜ୍ଞ,ପ୍ରସାଦ ସେବନ ସହ ହରେ କୃଷ୍ଣ ହରେ ରାମ ଅଖଣ୍ଡ ମହାମନ୍ତ୍ର ଜପରେ ପୀଠ କମ୍ପି ଉଠିଥିଲା। ଶହ ଶହ ସଂଖ୍ୟାରେ ଭକ୍ତ ଆସି ପ୍ରସାଦ ସେବନ କରିବା ସହ ପ୍ରଭୁଙ୍କ ଅପାର କରୁଣା ଲାଭ କରିଥିଲେ।ଶନିବାର ଦିନ ନଗର ସଂକୀର୍ତନ ଓ ନାମଯଜ୍ଞ ସମାପନ ଅନୁଷ୍ଠିତ ହୋଇଥିଲା।କର୍ତ୍ତା ଭାବେ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ କର୍ତ୍ତି ବାସନ୍ତୀ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବାଗଲପୁର୍ ର ଗ୍ରାମବାସୀମାନେ ଓ ମୁଖ୍ୟ ସହଯୋଗୀ ପାର୍ଥ ରବିନାରାୟଣ ମିଶ୍ର ଏହି ଯଜ୍ଞରେ ସହଯୋଗ କରିଥିଲେ।

## ଉଆସ ପଲ୍ଲୀରେ କିଡ୍ନି ରୋଗ ନେଲା ଆଉ ଏକ ଜୀବନ



କଳାପଥର: କଟକଜିଲ୍ଲା ବାଙ୍କୀ ବ୍ଲକ୍ ଅନ୍ତର୍ଗତ କାଳୀପୋଇ ଗ୍ରାମ ପଞ୍ଚାୟତ ଉଆଶପଲ୍ଲୀ ଗାଆଁରେ କିଡ୍ନି ରୋଗରେ ଆକ୍ରାନ୍ତ ହୋଇ ଚାରି ଜଣଙ୍କ ପୂର୍ବରୁ ମୃତ୍ୟୁ ହୋଇଥିଲା ବେଳେ ଏବେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ମଧୁସୂଦନ ବାରିକୟକଟକ ବଡ଼ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଚାରି ଜଣଙ୍କର ଡାଏଲେସିସ ଚାଲିଛି। ୧୫ରୁ ଉର୍ଦ୍ଧ୍ୱ ଲୋକ କିଡ୍ନି ରୋଗରେ ଚିକିତ୍ସିତ ହେଉଛନ୍ତି। ମାତ୍ର ଶନିବାର ଦିନ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ତିନି ଜଣିଆ ଟିମ୍ ଉଆସପଲି ଗାଆଁ ଆସି ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।ଭିକାରୀ ସାହାଣୀ, ମଧୁସୁଦନ ବାରିକ ଓ ପ୍ରଭାକର ସାହୁଙ୍କର ଡାଏଲେସିସ ଚାଲିଥିବା ବେଳେ ଆଜି ସକାଳୁ ମଧୁସୂଦନ ବାରିକଙ୍କୁ କଟକ ବଡ଼ମେଡିକାଲକୁ ନିଆ ଯାଇଥିଲା। ମାତ୍ର ଅପରାହ୍ନରେ ମଧୁସୂଦନ ବାରିକଙ୍କ ମୃତ୍ୟୁ ଘଟିଥିବାର ପରିବାର ଲୋକେ ସୂଚନା ଦେଇଛନ୍ତି। ସ୍ୱର୍ଗତ ବାରିକଙ୍କୁ ୫୩ ବର୍ଷ ବୟସ ହୋଇଥିଲା। ସେ ଦୁଇ ବର୍ଷ ଧରି କିଡ୍ନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେୟ ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଗାଁରେ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

## ସଂକଟରେ ଜୀବନଜୀବିକା: ଟିକିରା ଓ ବ୍ରାହ୍ମଣୀ ପାଣି ପ୍ରଦୂଷିତ



କଣିହାଁ: ଦିନ ଥିଲା ଟିକିରା ଓ ବ୍ରାହ୍ମଣୀ ନଦୀର ପାଣି ସ୍ଥାନୀୟ ଲୋକଙ୍କ ପାଇଁ ଆଶୀର୍ବାଦ ଥିଲା। ଏହି ନଦୀ ପାଣି ସ୍ୱଚ୍ଛ ଓ ନିର୍ମଳ ଥିଲା।ସମୟକ୍ରମେ ଅନୁଗୁଳ ଜିଲ୍ଲାରେ ଜଙ୍ଗଲ ନଷ୍ଟ କରି କଳକାରଖାନା ନିର୍ମାଣ କରାଗଲା। ଲୋକଙ୍କୁ ନିଯୁକ୍ତି ମିଳିଲା ସତ, ହେଲେ ଏହାଦ୍ୱାରା ସବୁଠାରୁ ଅଧିକ ବିପର୍ଯ୍ୟସ୍ତ ହେଲା ସ୍ଥାନୀୟ ଗ୍ରାମବାସୀଙ୍କ ଜୀବନଜୀବିକା। ଏବେ ଏହି ଦୁଇ ନଦୀ ଯେମିତି ଗ୍ରାମବାସୀଙ୍କୁ ସର୍ବହରା କରିଦେବାକୁ ବସିଛି। ପ୍ରଦୂଷଣ ଜହରରେ ଲୋକେ ଆକ୍ତାମାକ୍ତା। ଜଳ ସମ୍ପଦର ଉପଯୁକ୍ତ ବିନିଯୋଗ ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତ। ମାତ୍ର ଚିରାଚରିତ ଭାବରେ ଉଭୟ ନଦୀର ଜଳକୁ ବ୍ୟବହାର କରି ଆସୁଥିବା ଅଧିବାସୀ ପ୍ରଦୂଷଣ ପାଇଁ ରୋଗାକ୍ରାନ୍ତ ହେଉଛନ୍ତି। ଏ କ୍ଷେତ୍ରରେ ଜିଲ୍ଲା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ ନିରବଦ୍ରଷ୍ଟା ସାଜିଛି। ଖାଲି ଚେତାବନୀ ଛଡ଼ା ଆଉ କେଣସି କାର୍ଯ୍ୟାନୁଷ୍ଠାନ ହେଉନିୟବ୍ରାହ୍ମଣୀ ଓ ଟିକିରା ନଦୀର ଜଳରାଶି ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। କଣିହାଁ ଅଞ୍ଚଳରେ ଅନେକ କଳକାରଖାନା ଗିଉଠିଛି। କାରଖାନାର ବର୍ଜ୍ୟବସ୍ତୁ, କୋଇଲା ଓ ପାଉଁଶ ଗୁଣ୍ଡ ନିର୍ଗତ ହୋଇ ଉଭୟ ନଦୀରେ ମିଶୁଛି। ଏହାସହ ସହରର ନର୍ଦ୍ଦମା ଜଳ ମଧ୍ୟ ନଦୀରେ ମିଶୁଛି। ବର୍ଷ ବର୍ଷ ଧରି ସହର ଓ ପ୍ଲାଣ୍ଟର ଦୂଷିତ ପାଣି ଟିକିରା ନଦୀ ଦେଇ ବ୍ରାହ୍ମଣୀ ନଦୀରେ ମିଶିବା ଫଳରେ ପାଣି ପ୍ରଦୂଷିତ ହେଉଛି। ନଦୀକୂଳରେ ବସବାସ କରୁଥିବା ଲୋକେ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ପୂର୍ବରୁ ଟିକିରା ଓ ବ୍ରାହ୍ମଣୀ ନଦୀର ଅବବାହିକା ଗ୍ରାମବାସୀଙ୍କ ପାଇଁ ବରଦାନ ସଦୃଶ୍ୟ ଥିଲାୟ ଆଜି ପାର୍ଶ୍ୱବର୍ତ୍ତୀ କଳକାରଖାନା ଯୋଗୁଁ ଏହା ଅଭିଶାପ ପାଲଟିଛି। ନଦୀପଠାରେ କାଶତଣ୍ଡି, ବେଣାଘାସ ବଢ଼ି ନଦୀଶଯ୍ୟା ପୋତି ହେବାକୁ ବସିଲାଣି। ଏଥି ସକାଶେ ମଶାବଂଶ ବୃଦ୍ଧି ହେତୁ ଅଞ୍ଚଳବାସୀ ମ୍ୟାଲେରିଆ ଭଳି ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି। ଲୋକଙ୍କ ଜୀବନଜୀବିକାକୁ ଦୃଷ୍ଟିରେ ରଖି ନିୟମ କଡ଼ାକଡ଼ି ପାଳନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ବେଟି ବଚ୍ଚାଓ, ବେଟି ପଢାଓ ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ବ୍ଲକ ସଭାଗୃହରେ ଶନିବାର ଦିନ ବେଟି ବଚ୍ଚାଓ ବେଟି ପଢାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମହିଳା ଓ ଶିଶୁ ବିଭାଗ, ଦଶପଲ୍ଲା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଡିପିଓ ସଂଯୁକ୍ତା ସାମଲ, ବିଡିଓ ଶରତ କୁମାର ମଲିକ, ଆଡଭୋକେଟ କୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିବା ବେଳେ ସମସ୍ତ ସରପଞ୍ଚ,ସିଏର କର୍ମକର୍ତ୍ତା, ବିଦ୍ୟାଳୟ ର ଶିକ୍ଷକ, ଅଙ୍ଗନୱାଡି କର୍ମୀ, ଏଏନଏମ ଓ ଆଶା



କର୍ମୀ ଙ୍କ ସହିତ ମହିଳା ଉପସ୍ଥିତ ଥିଲେ ।ଇତ୍ୟବସରରେ ଏଥିପାଇଁ ଉଦ୍ଦିଷ୍ଟ ଅର୍ଥନୈତିକ ସାକ୍ଷରତା,ଆର୍ଥିକ, ସାମାଜିକ ଓ ରାଜନୈତିକ ଅଧିକାର ସମ୍ବନ୍ଧରେ ସଚେତନ କରାଯାଇଥିଲା ।

## ଅଶ୍ଳୀଳ ଫଟୋ ଭାଇରାଲ୍, ଯୁବକ ଗିରଫ

ରାଇଘର, ବ୍ଲକ (ମହାଭାରତ)ରାଇଘର ଥାନା ଅଞ୍ଚଳର ଜଣେ ଯୁବକ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ୍ କରିବା ଅଭିଯୋଗରେ ସ୍ଥାନୀୟ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଯୁବକ ଜଣେ ଯୁବତୀଙ୍କ ଅଜାଣତରେ ଫଟୋ ଉଠାଇ ତାକୁ ଅଶ୍ଳୀଳ ଏଡିଟ୍ କରି ସ୍ଥାନୀୟ ଅଞ୍ଚଳରେ ଭାଇରାଲ୍ କରିଥିଲା । ଏହି ଘଟଣା ଜଣାପଡ଼ିବା ପରେ ଯୁବତୀଙ୍କ ପରିବାର ଲୋକେ ରାଇଘର ଥାନାରେ ଅଭିଯୋଗ କରିଥିଲେ ।ଏନେଇ ଥାନାରେ କେସ୍ ନମ୍ବର-୩୭/ ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭକରିଥିଲା ପୁଲିସ । ତଦନ୍ତ ପରେ ଅଭିଯୁକ୍ତ ଯୁବକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଟିକେନ୍ଦ୍ର ବାହାବଲ ଖଟୁଆ ପ୍ରକାଶ କରିଛନ୍ତି ।

## ହାଟରୁ ଲୁଟିନେଲେ ତିନି ଦୁର୍ବୃତ୍ତ



ଦଶପଲ୍ଲା,(ମହାଭାରତ):ଦଶପଲ୍ଲା ଏନ ଏ ସି ସ୍ଥିତ ନାରାୟଣଗଞ୍ଜ ହାଟରୁ ରବିବାର ଦିନ ଅଳଙ୍କାର ଲୁଟ୍ ହୋଇଛି । ଏନଏସି ଅନ୍ତର୍ଗତ ତେନ୍ତୁଳିପାଟଣାର ଅଶୋକ ସେନାପତି ରବିବାର ଦିନ ହାଟରେ କଂସାବାସନ ବ୍ୟବସାୟ କରିବା ସହିତ ସୁନା ରୂପାର କ୍ଷୁଦ୍ର ବ୍ୟବସାୟ ମଧ୍ୟ କରନ୍ତି ।ଅଶୋକ ପରିଶ୍ରା କରିବାକୁ ଯାଇଥିବା ବେଳେ ତିନିଜଣ ଦୁର୍ବୃତ୍ତ ଦୋକାନରେ ପହଞ୍ଚି ରୂପାର ପେଡିଟି ଧରି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିବା ଅଶୋକ ଅଭିଯୋଗ କରିଛନ୍ତି । ପେଡିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି । ଖବର ପାଇ ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛନ୍ତି ।

## ବିଷମକଟକରେ 'ଗ୍ରାମୀଣ ଚର୍ଚ୍ଚା-୨୦୨୬': ପରିବେଶ ଓ ଅର୍ଥନୀତିର ସୁରକ୍ଷା ପାଇଁ ପଦଯାତ୍ରାରେ ଏକାଠି ହେଲେ ୫୦୦ ସଂପ୍ରଦାୟ ସଦସ୍ୟ

ବିଷମକଟକ,(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକଠାରେ ଆଜିଠାରୁ ତିନି ଦିନିଆ 'ଗ୍ରାମୀଣ ଚର୍ଚ୍ଚା-୨୦୨୬' କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି । ସ୍ଥାନୀୟ ଜ୍ଞାନର ପ୍ରୟୋଗ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀର ପ୍ରଥମ ଦିନରେ ଏକ ବିଶାଳ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ସଂପ୍ରଦାୟର ପ୍ରାୟ ୫୦୦ରୁ ଅଧିକ ସଦସ୍ୟ ସାମିଲ ହୋଇ ସ୍ଥାୟୀ ଓ ସମାବେଶୀ ବିକାଶ ପାଇଁ ଆହ୍ୱାନ ଦେଇଛନ୍ତି । ଜନଜାଗରଣ ମ□, ରାୟଗଡ଼ା ଦ୍ୱାରା ଆୟୋଜିତ ଏହି ରାଲି ସ୍ଥାନୀୟ ମିନି ଷ୍ଟାଡିୟମରୁ ବାହାରି ମେଡିକାଲ ଛକ ପର୍ଯ୍ୟନ୍ତ ଯାଇଥିଲାୟ ଏଥିରେ ଆଦିବାସୀ ସଂପ୍ରଦାୟର ନେତୃମଣ୍ଡଳୀ, ପି.ଆର.ଆଇ. ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଯୁବପିଢ଼ି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ତୃଣମୂଳ ସ୍ତରର ବିଭିନ୍ନ ଅନୁଷ୍ଠାନ ମଧ ଏହି ପଦଯାତ୍ରାରେ ସାମିଲ ହୋଇ ଏକତା ପ୍ରଦର୍ଶନ କରିଥିଲେ ।ପରିବେଶ, ଅର୍ଥନୀତି ଓ ଭାବନା: ଅପରାହ୍ନ ୪ଟାରୁ ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶେଷ କରି ତିନୋଟି ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ପରିବେଶ ପରିବେଶ ସୁରକ୍ଷା ଓ ଜଳ-ଜଙ୍ଗଲ-ଜମିର ସଂରକ୍ଷଣ ।ଅର୍ଥନୀତି ସ୍ଥାନୀୟ ଜୀବିକାର ଉନ୍ନତି ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ।ଭାବନା : ସାମାଜିକ ସମ୍ମିଳନ ଏବଂ ସଂପ୍ରଦାୟ ମଧ୍ୟରେ ପାରସ୍ପରିକ ସମ୍ପର୍କୟ ଏହି ସୁଯୋଗରେ ସଂପ୍ରଦାୟ-ନେତୃତ୍ୱ ଭିତ୍ତିକ ପ୍ରୟାସ ଦ୍ୱାରା କିଭଳି ଜୀବିକା ଏବଂ ପ୍ରଶାସନରେ ସଂସ୍କାର ଅଣାଯାଇପାରିବ, ସେ ନେଇ ଆଲୋଚନା କରାଯାଇଥିଲା । ଆଗାମୀ ଦୁଇ ଦିନ (୨୩ ଓ ୨୪ ଫେବୃଆରୀ) ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ । ଏହି ମ□ରେ ଗ୍ରାମୀଣ ଭାରତର ସମସ୍ୟା ଓ ସମାଧାନ ଉପରେ ଗଭୀର ମାନସ ମ୍ୟନ କରାଯିବ ବୋଲି ସନ୍ଦୀପ ସ୍ୱାଇଁ ଏବଂ ମନୋଜ ସାମନ୍ତରାୟ ଜଣାଇଛନ୍ତି । ଆତ୍ମଶକ୍ତି ଟ୍ରଷ୍ଟ, ସୋକ୍ରାଟସ୍ ଏବଂ ଏଫ.ଇ.ଏସ. ଭଳି ସଂସ୍ଥା ଏହି କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି ।

# ସୁଭଦ୍ରା ଶକ୍ତି ମେଳା ପଞ୍ଚମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ





ଗଜପତି(ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ପଞ୍ଚମ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜିର ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମୁନୀନ୍ଦ୍ର ହୋନନାଗା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଡିପିଏମ, ଓଏଲଏମ ଶ୍ରୀ ଟିମନ୍ ବାରା ପ୍ରମୁଖ ମଞ୍ଚାସୀନ ରହି ମେଳାର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ବିଷୟରେ ମତ ପ୍ରକାଶ କରିଥିଲେୟ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ପ୍ରଦର୍ଶନୀ ଆୟୋଜିତ ହୋଇ ଦର୍ଶକମାନଙ୍କୁ ମନୋମୁଗ୍ଧ କରାଯାଇଥିଲା । ସେହିପରି ଆଜି ଯୁବକ ଯୁବତୀମାନଙ୍କୁ ପ୍ରଣାମ ପାରଳା (ଫ୍ୟାଶନ୍ ସୋ) ଅନୁଷ୍ଠିତ ହୋଇଥିଲା । ପରେ ଓଡିଶାର କଣ୍ଠ ଶିଳ୍ପୀ ପ୍ରଜ୍ଞା ହୋତା ଓ ଗୃପ ସଙ୍ଗୀତ ପରିବେଷଣ କରିଥିଲେ । ସେହିପରି ମହିଳା ଶକ୍ତିକୁ ମଜବୁତ କରୁଛି ମେଳା ,ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ପଦାର୍ଥ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କିପରି କରିପାରିବେ ସେଥି ସକାଶେ ମହିଳା ମାନଙ୍କୁ ନେଇ ସୁଭଦ୍ରା ଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉତ୍ପାଦିତ ଜିନିଷକୁ ବ୍ରାଣ୍ଡିଂ ଓ ପ୍ୟାକେଜିଂ ବିଷୟରେ ପ୍ରଶିକ୍ଷଣ ଦିଆଯାଅଛି । ସେହିପରି ପ୍ରତିଦିନ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହେଉଛି । ମିଶନ ଶକ୍ତିର ଏହି ପଦକ୍ଷେପ ମାଧ୍ୟମରେ ମହିଳାମାନେ ଆଗକୁ ବଢିବା ସଙ୍ଗେ ସଙ୍ଗେ ଲକ୍ଷପତି ଦିଦି ହେବାର ସ୍ୱପ୍ନ ସାକାର କରିବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ୭ ଦିନ ଧରି ଆୟୋଜିତ ଏହି ସୁଭଦ୍ରା ଶକ୍ତି ମେଳା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ପଞ୍ଚମ ସନ୍ଧ୍ୟା କାର୍ଯ୍ୟକ୍ରମରେ ସମସ୍ତ ଲାଇନ୍ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜଳି ପୋଡି ପାଉଁଶ ହେଇଗଲା ଅସ୍ଥାୟୀ ପରିବା ମାର୍କେଟ

ପାରାଦୀପ (ମହାଭାରତ): ପାରାଦୀପ ବଡ଼ପଡ଼ିଆ ଅସ୍ଥାୟୀ ପରିବା ମାର୍କେଟରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ଷାଠିଏ ରୁ ଉର୍ଦ୍ଧ ଦୋକାନ ଘର ସମେତ ସମସ୍ତ ପନିପରିବା ଓ ଆସବାପତ୍ର ପୋଡି ଭସ୍ମ ହୋଇଯାଇଛି । ପାଖାପାଖି ତିନିକୋଟି ଟଙ୍କା ରୁ ଅଧିକ ସମ୍ପତ୍ତି ଜଳିପୋଡି ପାଉଁଶ ହୋଇଯାଇଛି । ବିଳମ୍ବିତ ରାତ୍ରି ପାଖାପାଖି ଦୁଇଟା ସମୟରେ ଏକ ଦୋକାନ ରେ ଲାଗିଥିବା ନିଆଁ ଡହୁଁଡହୁଁ ସମଗ୍ର ପରିବା ମାର୍କେଟକୁ ଗ୍ରାସି ଯାଇଥିଲା । ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ କେହି କିଛି ଭାବିବା ଆଗରୁ ସମଗ୍ର ପରିବା ମାର୍କେଟ ନିଆଁ ର ବଳୟ ଭିତରେ ରହିଯାଇଥିଲା । ପରିବା, ଟଙ୍କା, ଓଜନକଣ୍ଟା, ସାଇକେଲ, ବାଇକ, ବିଭିନ୍ନ ଆସବାବପତ୍ର ସମ୍ପୂର୍ଣ ଜଳିପୋଡି ପାଉଁଶ ହୋଇଯାଇଛି । ଖବର ପାଇବା ପରେ କୁଜଙ୍ଗ ଅଗ୍ନିଶମ ବିଭାଗ ସହିତ ପାରାଦୀପ



ବନ୍ଦର,ପିପିଏଲ, ଇଫକୋ ସହିତ ଅନ୍ୟାନ୍ୟ ଶିଳ୍ପସଂସ୍ଥା ର ପାଞ୍ଚରୁ ଉର୍ଦ୍ଧ ଦମକଳ ଗାଡି ଘଣ୍ଟାଘଣ୍ଟା ଧରି ଦୀର୍ଘ ସମୟର ଚେଷ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା ।ପାରାଦୀପ ତଥା ବିଭିନ୍ନ ଶିଳ୍ପ ସଂସ୍ଥାର ବାସୀନ୍ଦାଙ୍କ ପରିବାର ଚାହିଦା ମେଣ୍ଟାଉଥିବା ଏହି ସର୍ବବୃହତ ପରିବା ମାର୍କେଟରେ ରହିଥିବା ଅସ୍ଥାୟୀ ପିଣ୍ଡି ଗୁଡିକ ବାଉଁଶ ଓ ପାଲରେ ତିଆରି ହୋଇଥିବା ରୁ ନିଆଁ ଲାଗିବା ପରେ ଏହାକୁ ଆୟତ୍ତ କରିବା କଷ୍ଟକର ହୋଇପଡିଥିଲା ବୋଲି ବଣିକ ସଙ୍ଘର ସଦସ୍ୟ ମାନେ କହିଛନ୍ତି । ରାତି ଦୁଇଟାରେ ସମସ୍ତ ପରିବା ବ୍ୟବସାୟୀ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିବାରୁ କେହି କିଛି ବୁଝିବା ପୂର୍ବରୁ ନିଆଁ ସମ୍ପୂର୍ଣ୍ଣ ପରିବା ମାର୍କେଟ କୁ ଗ୍ରାସ କରିଥିବା ନେଇ ବ୍ୟବସାୟୀ ମାନେ କହିଛନ୍ତି । ଅଗ୍ନିକାଣ୍ଡ ଏଭଳି ଭୟଙ୍କର ରହିଥିଲା ଯେ ବ୍ୟବସାୟୀ ମାନେ ସେମାନଙ୍କ ଟଙ୍କା କୁ କିବା ସମ୍ଭବ ହୋଇ ପାରିନାହିଁ, ଯାହା ଫଳରେ କୋଟି କୋଟି ଟଙ୍କାର କ୍ଷୟକ୍ଷତି ଘଟି ଯାଇଥିବା ନେଇ ଦୁଃଖ ର ସହିତ କହିଛନ୍ତି କିଛି ବ୍ୟବସାୟୀ । ପୂର୍ବରୁ କିଛିମାସ ତଳେ ଏହିଭଳି ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଥିଲେ ମଧ ବ୍ୟବସାୟୀ ମାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ୨ ରୁ ୩ ଟି ଦୋକାନ କ୍ଷତି ହୋଇଥିଲା । ହେଲେ ଏଥର ଦୁର୍ଘଟଣା ସମଗ୍ର ବ୍ୟବସାୟୀ ଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ତେବେ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ଜଣା ପଡିନଥିଲେ ମଧ ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ କୁଜଙ୍ଗ ଅଗ୍ନିଶମ ବିଭାଗ ର ଅଧିକାରୀ କାର୍ତ୍ତିକେଶ୍ୱର ବିଶ୍ୱାଳ ପ୍ରକାଶ କରିଛନ୍ତି ତେବେ ଏହି ଘଟଣା ପରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ,ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ, ସ୍ଥାନୀୟ କାଉନସିଲର ଙ୍କ ସମେତ ବନ୍ଦର ଅଧକ୍ଷ ଏହି ହୃଦୟ ବିଦାରକ ଘଟଣାକୁ ଅନୁସନ୍ଧାନ କରିବାସହ ସହଯୋଗ ର ହାତ ବଢ଼ାଇବେ ବୋଲି ପ୍ରତିଶୃତି ଦେଇଛନ୍ତି ।

## ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

ହିଞ୍ଜିଳି କାଟୁ (ମହାଭାରତ ) ବିଜ୍ଞାନ ମହାବିଦ୍ୟାଳୟ (ସ୍ୱୟଂଶାସିତ), ହିଞ୍ଜିଳିକାଟୁ ର ଇତିହାସ ବିଭାଗ ତରଫରୁ ଆୟୋଜିତ ଜାତୀୟ ଆଲୋଚନାଚକ୍ର ଓଡ଼ିଆ ସାହିତ୍ୟର ବିକାଶ ଓ ଓଡ଼ିଆ ପରିଚୟ ପ୍ରତି ଦକ୍ଷିଣ ଓଡ଼ିଶାର ରାଜବଂଶମାନଙ୍କର ଅବଦାନ ଶୀର୍ଷକ ଉପରେ ଗତ ୨୧ ଫେବ୍ରୁଆରୀ ୨୦୨୬ରେ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏହି ଆଲୋଚନାଚକ୍ର ଆଇକ୍ୟୁଏସସି (ଓଛଇଉ) ସହଯୋଗରେ ମହାବିଦ୍ୟାଳୟର ସୁଜ୍ଞାନ କୁମାରୀ ଦେଓ ମେମୋରିଆଲ୍ ହଲ୍ ରେ ଅନୁଷ୍ଠିତ ହୋଇଥିଲା । ଛାତ୍ରୀ ଅଦୀତୀ ପଟ୍ଟନାୟକ , ସୋଫିଆ ମହାନ୍ତି ଙ୍କ ଓଡ଼ିଶୀ ନୃତ୍ୟର ତାଳେତାଳେ ଆରମ୍ଭ ହୋଇଥିବା ଆଲୋଚନାଚକ୍ରର ଉଦ୍ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ଓ ପୂର୍ବତନ କୁଳପତି ଡ଼. ମନ୍ମଥ ପାଢ଼ୀ, ସଭାପତି ଭାବେ ମହାବିଦ୍ୟାଳୟର ଅଧକ୍ଷ ଡ଼. ପ୍ରଦୀପ କୁମାର ନନ୍ଦ, ମୁଖ୍ୟ ବକ୍ତା ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ଡ଼. ଭଗବାନ ସାହୁ, ଅନ୍ୟତମ ମୁଖ୍ୟ ବକ୍ତା ଭାବେ ପ୍ରଫେସର ଶ୍ୟାମ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ମିଜୋରାମ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ଶ୍ରୀନିବାସ ପତି, ବିଶିଷ୍ଟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ପୂର୍ବତନ ଅଧକ୍ଷ ମେଜର ରମା ରାମଣ ପଢ଼ୀ, ମହାବିଦ୍ୟାଳୟର ଆଇକ୍ୟୁଏସସି ସଂଯୋଜକ ଡ. ପ୍ରଫୁଲ୍ଲ କୁମାର ରଥ ଉପସ୍ଥିତ ଥିଲେ ।ଟେକ୍ନିକାଲ୍ ସେସନ୍-୧ରେ ଅଧକ୍ଷତା କରିଥିଲେ ପ୍ରଫେସର ଶିବ ପ୍ରସାଦ ଦାସ ଏବଂ ରିସୋର୍ସ ପର୍ସନ ଭାବେ ଡ଼. ସୁଜିତ କୁମାର ପଣ୍ଡା ଯୋଗ ଦେଇଥିଲେ । ସେଭଳି ଟେକ୍ନିକାଲ୍ ସେସନ୍-୨ରେ ଅଧକ୍ଷତା କରିଥିଲେ ଡ଼. ସନ୍ତୋଷ କୁମାର ଆପଟ ଏବଂ ରିସୋର୍ସ ପର୍ସନ ଭାବେ ଡ଼. ଚିତ୍ତ ରଞ୍ଜନ ମିଶ୍ର ଯୋଗ ଦେଇଥିଲେ । ଆଲୋଚନାଚକ୍ରରେ ଦକ୍ଷିଣ ଓଡ଼ିଶାର ଖଲ୍ଲିକୋଟ, ପାରଳାଖେମୁଣ୍ଡି, ଭଞ୍ଜ ରାଜବଂଶ, ଘୁମସର, ସାନଖେମୁଣ୍ଡି, ଶେରଗଡ଼ ଆଦି ରାଜବଂଶମାନଙ୍କର ସାହିତ୍ୟ, ସଂସ୍କୃତି ଓ ଓଡ଼ିଆ ପରିଚୟ ଗଠନରେ ଅବଦାନ ଉପରେ ଗଭୀର ଆଲୋଚନା ହୋଇଥିଲା । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ରାଜା ହରିହର ମର୍ଦ୍ଦରାଜ ଆଦି ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କ ସୃଷ୍ଟି ଓ ରାଜକୀୟ ପୃଷ୍ଠପୋଷକତାର ପ୍ରଭାବ ଉପରେ ୩୪ ଜଣ ଗବେଷକ ନିଜନିଜ ଲେଖା ଉପସ୍ଥାପନ କରିଥିଲେ । ଏହା ଓଡ଼ିଆ ସାହିତ୍ୟର ଐତିହାସିକ ଓ ସାଂସ୍କୃତିକ ମହ□କୁ ନୂତନ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିବାରେ ସହାୟକ ହୋଇଥିଲା ।ଆଲୋଚନାଚକ୍ରରେ ଅନେକ ଗବେଷକ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ବିଦ୍ୱାନମାନେ ଅଂଶଗ୍ରହଣ କରିବା ସହ ଅତିଥୀ ମାନଙ୍କ ଦ୍‌ୱାରା ସ୍ମାରକ ଗ୍ରନ୍ଥ ଉନ୍ମୋଚିତ ହୋଇଥିଲା । ବିଭାଗୀୟ ମୁଖ୍ୟ ଡ଼. ବବିତା ପାତ୍ରଙ୍କ ତ୍ୱାବଧାନରେ, ସଂଯୋଜକ ଶ୍ରୀ ଅକ୍ଷୟ କୁମାର ପ୍ରଧାନ, ଡ. ଗୋକୁଳାନନ୍ଦ ପାତ୍ର, ଅଧ୍ୟାପିକା ସୋନାଲି ବାରିକ ଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ପାରମ୍ପରିକ ବାଦ୍ୟ ଶଙ୍ଖ ଧ୍ୱନିରେ ଅତିଥିମାନଙ୍କୁ ପାଛୋଟି ନେବା ସହ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା । ସମାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପୂର୍ବତନ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ବିଶିଷ୍ଟ ପରିବେଶବିତ୍ ଜୈବ ବିଜ୍ଞାନୀ ସନ୍ତୋଷ କୁମାର ଦାସ, ମୁଖ୍ୟବକ୍ତା ଭାବେ ଡ. ସୁଶାନ୍ତ ଦାସ ଏବଂ ଅନ୍ୟତମ ବକ୍ତାଭାବେ ପ୍ରଫେସର ଅରୁଣ କୁମାର ଖାଡ଼ଙ୍ଗା ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ ଏବଂ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପାଇଁ ଏଭଳି ଆଲୋଚନା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ । ଏହି ଆଲୋଚନାଚକ୍ର ଦକ୍ଷିଣ ଓଡ଼ିଶାର ରାଜକୀୟ ଐତିହ୍ୟକୁ ଓଡ଼ିଆ ପରିଚୟ ସହ ଯୋଡ଼ି ଦେଖାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## କବିତା ସଂକଳନ ଜୀବନର ଜଳଛବି ଓ ପ୍ରତିବିମ୍ବ ର ଉନ୍ମୋଚନ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଓଡ଼ିଆ ଭଣ୍ଡାରୀ ସାହି ଠାରେ ଥିବା ଉତ୍କଳ ହିତୈଷିଣୀ ସମାଜ ସଭାଗୃହ ଠାରେ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କବି ଗୌରହରି କରସୁଧା ପଟ୍ଟନାୟକଙ୍କ ସଂକଳିତ ଜୀବନ ଜଳଛବି ଓ ପ୍ରତିବିମ୍ବ ପୁସ୍ତକର ଉଦଘାଟନ ହୋଇଯାଇଛି ।ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଧ୍ୟାପିକା ଡକ୍ଟର କଲ୍ୟାଣି ମିଶ୍ର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃପୀଠର ଗୀତାଞ୍ଜଳି ଦାଶ,ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବିଚିତ୍ରା ନନ୍ଦ ବେବର୍ତ୍ତା, ଗୌରହରି କରସୁଧା ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ ।ଜୀବନର ଜଳଛବି ଓ ପ୍ରତିବିମ୍ବ ପୁସ୍ତକ ଦ୍ୱୟ ଅତିଥିମାନେ ଉନ୍ମୋଚନ କରିବା ସହିତ ଏହି ପୁସ୍ତକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷକ ବିଚିତ୍ରା ନନ୍ଦ ବେବର୍ତ୍ତା ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଶଶୀ ଭୂଷଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ତରଙ୍ଗେଲ ଗାଁରେ ୨୧ ବର୍ଷ ପରେ ମେରିଆ ପର୍ବ ଅନୁଷ୍ଠିତ

ଲାଞ୍ଜିଗଡ(ମହାଭାରତ)କେଉଁ ପୁରାତନ କାଳରୁ ଆଦିବାସୀ ମାନେ ନିଜର ଧରଣୀପେନୁ ତଥା ପ୍ରକୃତି ରାଣୀ ବଣ, ପାହାଡ଼, ଝରଣାକୁ ପୂଜାର୍ଚ୍ଚନା କରି ଆସୁଛନ୍ତି । ସେ ମାନେ ପୂର୍ବରୁ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁଥିବା ବେଳେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି । ଏଥିରୁ ଅନ୍ୟତମ ଆଦିବାସୀ ଙ୍କ ନିଆରା ପରମ୍ପରା ଟୋକି ପର୍ବ ବା ମେରିଆ ପର୍ବ । ଉକ୍ତ ଅଞ୍ଚଳରେ ଏହି ପର୍ବକୁ ପୌଷ ମାସରେ ହିଁ ପାଳନ କରିଥାନ୍ତି ସେହି ଭଳି ଆଜି ୨୧ବର୍ଷ ପରେ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ



ବାଣପାହାଡ଼ ଘେରା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗେଲ ଗାଁରେ । ଏହି ଟୋକି ମରା ପର୍ବ ତଥା ମେରିଆ ପର୍ବ ରବିବାର ଶାନ୍ତି ଶୃଙ୍ଖଳାର ସହିତ ଉଯାପିତ ହୋଇଯାଥିବା ବେଳେ ଏନେଇ ତରଙ୍ଗେଲ ଗାଁ ଉତ୍ସବ ମୁଖର ହୋଇଉଠିଛି । ଏହି ଅବସରରେ ଗାଁ ଧରଣୀପେନୁ ଦେବି ସମେତ ସମସ୍ତ ଦେବାଦେବୀଙ୍କ ଶକ୍ତି ପିଠ ଗୁଡିକରେ ରୀତିନୀତି ଅନୁଯାଇ ଆଦିବାସୀ ଙ୍କ ମନ୍ତ୍ର ପାଠରେ ପୂଜାର୍ଚ୍ଚନା କରାଯାଇଥିଲା । ଆଦିବାସୀଙ୍କ ବିଶ୍ୱାସ ପୂର୍ବପୁରୁଷରୁ ରହି ଆସିଛି ଏହି ମେରିଆ ପର୍ବରେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କୁ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ଶହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ ବୋଲି । ଏନେଇ ମୁଖ୍ୟ ପୂଜକ ତଥା ଗାଁ ଯାନୀ ସୋମବାରା ମାଝୀ,ପାଠ ଯାନୀ ସନା ମାଝୀ ସମେତ ଗାଁ ମୁଖିଆ ଶୁକ୍ରୁ ମାଝୀ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିବା ବେଳେ ପୁରାତନ ଯୁଗର ଆଦିବାସୀ ଙ୍କ ମନ୍ତ୍ର ପାଠରେ ଅଞ୍ଚଳଟି ପ୍ରକମ୍ପିତ ହୋଇଥିଲା । ଆଦିବାସୀଙ୍କ ନିଶାନ ବିର ବାଦ୍ୟରେ ଗାଁଟି ଗର୍ଜିଉଠିଥିବା ବେଳେ ଆସିଥିବା ଅତିଥି ମାନଙ୍କୁ ସମ୍ମାନର ସହିତ ଖଟିଆ ଉପରେ ବସାଇ କାନ୍ଧରେ ବୋହି ନାଚଗୀତରେ ନାଚିନାଚି ମନ୍ଦିର ବେଢ଼ା ଚାରିପାର୍ଶରେ ପରିକ୍ରମା କରିବା ଏକ ନିହାର ପରମ୍ପରା ରହିଛି । ଏହି ମେରିଆ ପର୍ବରେ ରାଜୁ ମାଝୀ, ନବୀ ମାଝୀ, ପ୍ରଶାନ୍ତ ମାଝୀ, ଲାଚନା ମାଝୀ, ଜୟ ମାଝୀ, ଜଗନ୍ନାଥ ମାଝୀ, ରବି ମାଝୀ ସମେତ ତରଙ୍ଗେଲ ଗାଁର ସମସ୍ତ ଯୁବ ଗୋଷ୍ଠି ସହଯୋଗ କରିଥିଲେ ।

## ବ୍ରେଡ କଷ୍ଟାଡ

**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଚାମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଚାମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।



ଖବର

## ସୁସ୍ଥତା ପାଇଁ ସୂର୍ଯ୍ୟ ଉପାସନା



ସୁସ୍ଥ ଜୀବନ ସଫଳତାର ରାସ୍ତାକୁ ସହଜ କରିଥାଏ। ପୁଣି ଆର୍ଥିକ ପ୍ରତିଯୋଗିତାତ୍ମକ ଜୀବନରେ ତ ଶକ୍ତିଶାଳୀ ଏବଂ ସୁସ୍ଥ ଶରୀର ସବୁଠାରୁ ଅଧିକ ମହତ୍ୱ ରଖେ। ଏହି ସମୟରେ ମିଳୁଥିବା ସୁଯୋଗ ବା ଅବସର ଯଦି ଆପଣଙ୍କ ଦୁର୍ବଳ ଶରୀର ପାଇଁ ନଷ୍ଟ ହୋଇଯାଏ ତେବେ ବିଫଳତା ମିଳିଥାଏ । ଏହା ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅସଫଳ କରିଦେଇଥାଏ। ଆପଣ ଲକ୍ଷ୍ୟ ରଖିଥିବେ ଯେ ଜଣେ ସୁସ୍ଥ ଏବଂ ସବଳ ବ୍ୟକ୍ତି କିପରି ସଫଳତା ଆଡ଼କୁ ଆଗେଇ ଚାଲିଥାଏ। ଏଣୁ ସୁସ୍ଥ ଶରୀରକୁ ମଧ୍ୟ ଧନ ବା ସମ୍ପତ୍ତି ବୋଲି ବିଚାର କରାଯାଏ। ସୁସ୍ଥ ଶରୀର ଯେ କେବଳ ମଣିଷକୁ ଶାରୀରିକ ଦୃଷ୍ଟିରେ ଶକ୍ତିଶାଳୀ କରାଏ ତାହାନୁହେଁ, ଏହା ମଧ୍ୟ ମାନସିକ ସ୍ତରରେ ବ୍ୟକ୍ତିକୁ ଶକ୍ତିଶାଳୀ କରିଥାଏ। ତେଣୁ ଆମକୁ ନିଜର ଜୀବନଶୈଳୀକୁ ପରିବର୍ତ୍ତନ କରିବାକୁ ପଡ଼ିବ। ନିୟମିତ ଅନୁଶାସନ ମଧ୍ୟରେ ରଖିବାକୁ ପଡ଼ିବ। ଜୀବନରେ ସଂଯମତା ଏବଂ ଅନୁଶାସନ ଆଣିବାକୁ ହେଲେ କେତେକ ଧାର୍ମିକ ଉପାୟଗୁଡ଼ିକୁ ଶ୍ରେଷ୍ଠ ଭାବେ ବିଚାର କରାଯାଇଛି। ଯାହା ବିଷୟରେ ଆଜି ଆମେ ଆଲୋଚନା କରିବା। ଶରୀର ସୁସ୍ଥ ତଥା ସବଳ ରହିବା ପାଇଁ ଧାର୍ମିକ ନିୟମ ଅନୁସାରେ ଦୈନନ୍ଦିନ ସୂର୍ଯ୍ୟଙ୍କୁ ପୂଜା କରିବା ଉଚିତ୍। ଧାର୍ମିକ ଦୃଷ୍ଟିକୋଣରୁ ସୂର୍ଯ୍ୟ ଉପାସନା ସ୍ୱାସ୍ଥ୍ୟ, ସୁଖ-ସମୃଦ୍ଧି, ପ୍ରତିଷ୍ଠା ଆଦି ପ୍ରଦାନ କରିଥାଏ ବୋଲି ବିଶ୍ୱାସ। ବ୍ୟବହାରିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରତିଦିନ ସକାଳେ ସ୍ନାନାଦି କର୍ମ କରିବା ସହ ସ୍ୱଚ୍ଛ ପବନ ଏବଂ ସୂର୍ଯ୍ୟଙ୍କ କୋମଳ କିରଣ ଶରୀରରେ ବାଜିଲେ ମନ ପ୍ରଫୁଲ୍ଲ ରହିବା ସହ ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ। ଅନେକ ଲାଭ ମିଳିଥାଏ। ଏଥିପାଇଁ ମଧ୍ୟ ଶାସ୍ତ୍ରରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ବିଶେଷ ମନ୍ତ୍ର ଦ୍ୱାରା ସୂର୍ଯ୍ୟଙ୍କୁ ପୂଜା କରିବା ବିଧେୟ। ପ୍ରାତଃ ସମୟରେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନ କରନ୍ତୁ। ଏହାକୁ ତୀର୍ଥ ସ୍ନାନ କୁହାଯାଏ। ଏହାପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରି ଆଚମନ କରନ୍ତୁ। ତମ୍ବା ପାତ୍ରରେ ଗନ୍ଧ, ସୁଗନ୍ଧିତ ପୁଷ୍ପ ପକାଇ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ। ସୂର୍ଯ୍ୟ ବା ନବଗ୍ରହ ମନ୍ଦିରରେ ସୂର୍ଯ୍ୟଙ୍କ ପ୍ରତିମାରେ ନାଲି ଚନ୍ଦନ, ନାଲି ଫୁଲ, ନାଲି ବସ୍ତ୍ର ଅର୍ପଣ ପୂର୍ବକ ପୂଜା କରନ୍ତୁ। ଗୁଡ଼ ଏବଂ ଘିଅରେ ପ୍ରସ୍ତୁତ ବ୍ୟଞ୍ଜନ ଅଥବା ଆଖୁ ରସରେ ନୈବେଦ୍ୟ ଲଗାନ୍ତୁ। ଗୁଗ୍‌ଗୁଳ ଧୂପ ବା ଘିଅ ଦୀପ ଜାଳନ୍ତୁ। ଏହାପରେ "ଓଁ ଆଦିତ୍ୟାୟ ବିଦ୍ମହେ, ବିଶ୍ୱଭାବାୟ ଧୀମହି, ତନ୍ନୋ ସୂର୍ଯ୍ୟଃ ପ୍ରଚୋଦୟାତ୍।" ସୂର୍ଯ୍ୟଗାୟତ୍ରୀ ମନ୍ତ୍ରକୁ ସ୍ମରଣ କରି ପୂର୍ବ ଦିଗକୁ ମୁହଁ କରି ବସନ୍ତୁ ଏବଂ ନାଲି ଚନ୍ଦନ ଦାନାରେ ନିର୍ମିତ ମାଳାକୁ ୧୦୮ ଥର ଜପ କରନ୍ତୁ। ଏହାଦ୍ୱାରା ଆପଣ ନିରୋଗୀ ରହିବେ। ଏହା ଏକ ପ୍ରକାର ଅନୁଶାସନରେ ପରିଣତ ହୋଇଯିବ। ବ୍ୟାୟମ ପରି କାମ ଦେବ। ସୁସ୍ଥ ତଥା ସବଳ ହୋଇପାରିବେ। ସଫଳତା ଆପଣଙ୍କୁ ନିରାଶ କରିପାରିବ ନାହିଁ।

## ଶ୍ରୀନାଥ : ଶ୍ରୀକୃଷ୍ଣଙ୍କ ସାକ୍ଷାତ ସ୍ୱରୂପ



୧୬ କଳାରେ ସ୍ୱୟଂସମ୍ପୂର୍ଣ୍ଣ ଭଗବାନ କୃଷ୍ଣଙ୍କ ହଜାର ହଜାର ମନ୍ଦିର ଦେଶର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ । ତେବେ ଏହି ସବୁ ମନ୍ଦିର ମଧ୍ୟରୁ ରାଜସ୍ଥାନ ଓ ଗୁଜରାଟ ସୀମାରେ ଥିବା ଶ୍ରୀନାଥଜୀ ମନ୍ଦିରରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ସ୍ୱରୂପ ପୂଜା ପାଇଥାଏ । ଇନ୍ଦ୍ରଙ୍କ କୋପରୁ ଗୋପପୁରବାସୀଙ୍କୁ ବଞ୍ଚାଇବା ଲାଗି ଶ୍ରୀକୃଷ୍ଣ ଗିରି ଗୋବର୍ଦ୍ଧନ ପର୍ବତ ଉଠାଇଥିଲେ । ଏହି ସମୟରେ ଶ୍ରୀକୃଷ୍ଣଙ୍କ ତେଜରୁ ଗୋବର୍ଦ୍ଧନ ପର୍ବତରେ ତାଙ୍କର ସାକ୍ଷାତ ମୂର୍ତ୍ତି ସୃଷ୍ଟି ହୋଇଥିଲା । ଏହି ମୂର୍ତ୍ତି ଶ୍ରୀନାଥଜୀ ମନ୍ଦିରରେ ପୂଜା ପାଇଥାଏ । ଏହି ମୂର୍ତ୍ତିଟି ପୂର୍ବରୁ ଅସମ୍ପୂର୍ଣ୍ଣ ରହିଥିଲା । ମଧ୍ୟଯୁଗର ଭକ୍ତିକାଳରେ ସନ୍ଥ ବଲ୍ଲଭଚାର୍ଯ୍ୟଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ କୃଷ୍ଣ ନିଜ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରିଥିଲେ । ସେବେଠାରୁ ଏଠାରେ ଭଗବାନ କୃଷ୍ଣଙ୍କ ସାକ୍ଷାତ ତଥା ସମ୍ପୂର୍ଣ୍ଣ ମୂର୍ତ୍ତି ପୂଜା ପାଉଛି । ମୋଗଲ୍ ସମ୍ରାଟ ଆଉରଙ୍ଗଜେବ୍‌ଙ୍କ ଆକ୍ରମଣ ସମୟରେ ଭଗବାନ କୃଷ୍ଣଙ୍କ ମୂର୍ତ୍ତିକୁ ମେୱାର୍‌ର ଶୀହାଦ୍ ଗ୍ରାମରେ ଏକ ଖାଲ ମଧ୍ୟରେ ଲୁଚାଇ ଦିଆଯାଇଥିଲା । ମହାରାଣା ସଂଗ୍ରାମ ସିଂ ନିଜର ୨ହଜାର ସୈନ୍ୟଙ୍କୁ ପଠାଇ ମୂର୍ତ୍ତିକୁ ସୁରକ୍ଷା ଦେଇଥିଲେ । ଏହାପରେ ଆଉରଙ୍ଗଜେବ୍‌ଙ୍କ ସୈନ୍ୟ ଫେରିଯାଇଥିଲେ । ଏବେ ସେହିସ୍ଥାନରେ ହିଁ ଶ୍ରୀନାଥଜୀଙ୍କ ମନ୍ଦିର ପୂଜା ପାଉଛି । ବର୍ତ୍ତମାନ ଶ୍ରୀନାଥଜୀଙ୍କ ମନ୍ଦିର ରାଜସ୍ଥାନର ଉଦୟପୁର ଠାରୁ ୪୮ କିଲୋମିଟର୍ ଦୂର ନାଥଦ୍ୱାର ନାମକ ସ୍ଥାନରେ ରହିଛି ।

## ସୁନ୍ଦର ନଖ ପାଇଁ ଆପଣାନ୍ତୁ ଏହି ସହଜ ଉପାୟ



ତ୍ୱଚାର ସୁନ୍ଦରତା ସହ ହାତର ସୁନ୍ଦରତା ମଧ୍ୟ ଖୁବ ଆବଶ୍ୟକ। ହାତର ସୁନ୍ଦରତା ପାଇଁ ଏହାର ସଠିକ ଭାବେ ଯତ୍ନ ନେବା ସହ ନଖ ପ୍ରତି ମଧ୍ୟ ଧ୍ୟାନ ଦେବାକୁ ପଡ଼ିଥାଏ। ନଖରେ ବିଭିନ୍ନ ସୁନ୍ଦର ସୁନ୍ଦର ନେଲ୍ ଆର୍ଟ ମଧ୍ୟ କରାଯାଏ। ମାତ୍ର ବହୁ ସମୟରେ ଏଭଳି ଦେଖାଯାଇଛି ଯେ, ବହୁ ଯୁବତୀଙ୍କ ନଖ ଅପେକ୍ଷାକୃତ ଦୁର୍ବଳ। ଯାହା ଫଳରେ ଏହା ସହଜରେ ଭାଙ୍ଗି ଯାଏ। ଏହି ସମସ୍ୟାକୁ ମୁକ୍ତି ପାଇବା ପାଇଁ ତଥା ନଖ ଶକ୍ତ ଓ ସୁନ୍ଦର କରିବା ପାଇଁ ରସୁଣର ବ୍ୟବହାର କରିପାରିବେ। ରସୁଣ ଦୁର୍ବଳ , ସହଜରେ ଭାଙ୍ଗିଯାଉଥିବା ନଖ ପାଇଁ ଖୁବ ହିତକାରକ। ଜାଣନ୍ତୁ ନଖ ପାଇଁ କିଛି ସହଜ ଉପାୟରେ କିଭଳି ରସୁଣର ବ୍ୟବହାର କରିବେ।

ରସୁଣ ଓ ଅଲିଭ ଅଏଲ :

୨ ରୁ ୩ଟି ରସୁଣକୁ ପେଷ୍ଟ କରି ଅଲିଭ ଅଏଲରେ ମିଶାଇ ନଖରେ ଲଗାନ୍ତୁ। ଏକ ଘଣ୍ଟା ପରେ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ନଖ ପାଇଁ ବେଶ ଲାଭଦାୟକ। ରସୁଣରେ ଆଣ୍ଟି-ସେପଟିକ ଗୁଣ ରହିଛି। ଯାହାର ନଖର ବହୁ ସମସ୍ୟାକୁ ଦୂର କରିଥାଏ।


ରସୁଣର ପାଣି :

ରସୁଣର ଚୋପା ଛଡ଼ାଇ ଏହାକୁ ଏକ ପାତ୍ରରେ ପାଣି ନେଇ ବତୁରାଇ ରଖି ଦିଅନ୍ତୁ। ଏହାପରେ ରସୁଣକୁ କାଢି ଏହାର ପାଣିରେ ହାତକୁ ବୁଡ଼ାଇ ୧୦ ରୁ ୧୫ ମିନିଟ ରଖନ୍ତୁ। ପରେ ସାଧାରଣ ପାଣିରେ ହାତ ଧୋଇ ଦିଅନ୍ତୁ।

ରସୁଣ ପେଷ୍ଟ ପ୍ରସ୍ତୁତ କରି ଲଗାନ୍ତୁ :

୪ ରୁ ୫ଟି ରସୁଣ ନେଇ ଏହାର ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅଳ୍ପ ନେଲପୋଲିସ ଥିବା ବୋତଲରେ ଭଲ ଭାବେ ମିଶାଇ ରଖନ୍ତୁ। ନେଲପୋଲିସ ଲଗାଇବା ଭଳି ଏହାକୁ ଲଗାଇ ୧ ରୁ ୨ ଘଣ୍ଟା ରଖି ଉଷୁମ ପାଣିରେ ହାତ ଧୋଇବା ସହ ସେହି ନେଲପୋଲିସକୁ ମଧ୍ୟ ଛଡ଼ାଇ ଦିଅନ୍ତୁ।

## ସିକଲ୍ ସେଲ୍ ରୋଗରୁ ରକ୍ଷାର ଉପାୟ



ପରିବେଶ ବଦଳିବା ସହିତ ଲୋକଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ରୋଗ ବଢ଼ିବାରେ ଲାଗିଛି। ଦିନକୁ ଦିନ ନୂଆ ନୂଆ ରୋଗ ଚିହ୍ନଟ ହେଉଛି। ପରିବେଶର ସିଧାସଳଖ ଜିନ୍ ଉପରେ ପ୍ରଭାବ ପକାଉଛି। ପରିବେଶର ପରିବର୍ତ୍ତିତ ପରିସ୍ଥିତିରେ କିଛି ଜେନେଟିକ୍ ରୋଗ ବା ଆନୁବଂଶିକ ରୋଗ ଅଧିକ ସମସ୍ୟା ସୃଷ୍ଟି କରୁଛନ୍ତି। ଏହିଭଳି ଏକ ଜେନେଟିକ୍ ରୋଗ ହେଲା ସିକଲ୍ ସେଲ୍। ଜିନରେ ଅସାମାନ୍ୟ ପରିବର୍ତ୍ତନ ଯୋଗୁଁ ଏହି ରୋଗ ହୋଇଥାଏ। ମାତାପିତାଙ୍କ ମଧ୍ୟରେ ଏହି ରୋଗ ଥିଲେ ପିଲାଙ୍କ ମଧ୍ୟରେ ଦେଖା ଦେଇଥାଏ। ସିକଲ୍ ସେଲ୍ ରୋଗ କଣ ଏବଂ କିଭଳି ଏହି ରୋଗରୁ ବଞ୍ଚି ପାରିବେ ଜାଣନ୍ତୁ :

ବିଶେଷଜ୍ଞଙ୍କ ଅନୁସାରେ, ସିକଲ ସେଲ ଏକ ଜେନେଟିକ ରୋଗ। ସାଧାରଣତଃ ଆମ ଶରୀରରେ ଲାଲ ରକ୍ତ କଣିକା ଏକ ପ୍ଲେଟ ପରି ସମତଳ ଏବଂ ଗୋଲାକାର ହୋଇଥାଏ। ଏହା ରକ୍ତ ନଳୀରେ ସହଜରେ ଗତି କରିବାକୁ ସକ୍ଷମ କିନ୍ତୁ ଯଦି ଜିନ୍‌ଗୁଡ଼ିକ ଅସ୍ୱାଭାବିକ ଥାଏ ତେବେ ଲାଲ ରକ୍ତ କଣିକାଗୁଡ଼ିକ ପ୍ଲେଟ୍ ଭଳି ଗୋଲାକାର ନ ହୋଇ ଅର୍ଦ୍ଧଚନ୍ଦ୍ର ରୂପରେ ଦେଖା ଦେଇଥାଏ। ଏହି କାରଣରୁ ଏହା ରକ୍ତ ନଳୀରେ ସଠିକ୍ ଭାବରେ ଗତି କରିପାରେ ନାହିଁ ଏବଂ ଏହି କାରଣରୁ ଶରୀରରେ ଅମ୍ଳଜାନର ଅଭାବ ଦେଖା ଦେଇଥାଏ। ଏହି କାରଣରୁ ରୋଗୀ ମଧ୍ୟରେ ରକ୍ତହୀନତା ସମସ୍ୟା ଦେଖା ଦେଇଥାଏ। ସାଧାରଣତଃ ବିକଶିତ ହୋଇ ନଥିବା ଦେଶରେ ସିକ ସେଲ ରୋଗ ଅଧିକ ବ୍ୟାପିଥାଏ। ତେଣୁ ଆଫ୍ରିକା, ତୁର୍କୀ, ଗ୍ରୀସ୍, ସାଉଦି ଆରବ ଏବଂ ଭାରତ ଭଳି ଦେଶରେ ଏହି ରୋଗ ଅଧିକ ଦେଖା ଦେଇଥାଏ। ସିକଲ ସେଲ ଜେନେଟିକ ରୋଗ ହୋଇଥିଲେ ମଧ୍ୟ କିଛି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ ଯେପରି ଏହି ରୋଗ ବ୍ୟାପିବାରେ ରୋକା ଯାଇପାରିବ। ଏହା ଏକ ଗମ୍ଭୀର ରୋଗ। ସେଥିପାଇଁ ଏହି ରୋଗରୁ ବଞ୍ଚିବା ନିହାତି ଜରୁରୀ। ଶିଶୁଙ୍କ ମଧ୍ୟରେ ଯେପରି ଏହି ରୋଗ ପାରିତ ନ ହେବ ସେଥିପାଇଁ ବିବାହ ପୂର୍ବରୁ ଯୁବକ ଯୁବତୀ ଉଭୟ ରକ୍ତ ନମୁନା ଯାଞ୍ଚ କରିନେବା ଉଚିତ। ଯଦି ଯୁବକ ଯୁବତୀ ସିକଲ୍ ସେଲ୍ ରୋଗର ଗ୍ରାସିତ ତା'ହେଲେ ସେମାନେ ପରସ୍ପରକୁ ବିବାହ କରିବା ଉଚିତ ନୁହେଁ। କାରଣ ଏମାନେ ବିବାହ ପରେ ତାଙ୍କ ଶିଶୁଙ୍କୁ ସିକଲ୍ ସେଲ୍ ରୋଗ ହେବାର ସମ୍ଭାବନା ଅଧିକ ଥାଏ। କିଛି ଦେଶରେ ବିବାହ ପୂର୍ବରୁ ଯୁବକ ଯୁବତୀଙ୍କ ସିକଲ ସେଲ ଯାଞ୍ଚ ଅନିବାର୍ଯ୍ୟ କରି ଦିଆଯାଇଛି। ସିକଲ୍ ସେଲ୍ ପୀଡିତ ଶିଶୁ ଦୁର୍ବଳ ହୋଇଥାନ୍ତି। ଟୀକାକରଣ ଦ୍ୱାରା ଏହି ଶିଶୁଙ୍କୁ ସୁରକ୍ଷିତ କରାଯାଇ ପାରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ବର୍ତ୍ତମାନ ବୋନାମାରୋ ଟ୍ରାନ୍ସପ୍ଲାଣ୍ଟ ସିକଲ୍ ସେଲ୍ ରୋଗର ଏକମାତ୍ର ଉପଲବ୍ଧ ଚିକିତ୍ସା। କିନ୍ତୁ ଏହି ଚିକିତ୍ସା ବହୁତ ବିପଦଜନକ ଏବଂ ଏହାର ଅନେକ ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି। ତାଛଡା ପୀଡିତଙ୍କୁ ଫଲିକ ଏସିଡ ଔଷଧ ଦେଇ ମଧ୍ୟ ଉପଚାର କରାଯାଇପାରେ। ଶିଶୁଙ୍କ ପାଇଁ ଟୀକାକରଣରେ ନିମୋକୋକାଲ୍, ଫ୍ଲୁ ଏବଂ ମେନିଙ୍ଗୋକୋକାଲ୍ ଟିକା ଚିକିତ୍ସା କରାଯାଏ। ଏହା ବ୍ୟତୀତ ଅନେକ ବୈଜ୍ଞାନିକ ମଧ୍ୟ ସିକଲ ସେଲ ଜିନ ଉପରେ ଅନୁସନ୍ଧାନ କରୁଛନ୍ତି। ଯାହାଦ୍ୱାରା ରୋଗୀର ଅସ୍ୱାଭାବିକ ଜିନ୍ ବଦଳାଇ ଏହାର ଚିକିତ୍ସା କରାଯାଇପାରିବ। ଏହିପରି ରୋଗୀଙ୍କୁ ନିଜ ଶରୀରର ହେମୋଗ୍ଲୋବିନ୍ ସ୍ତର ହ୍ରାସ ନ କରିବା ଉଚିତ। ଏହା ବ୍ୟତୀତ ଆହାରରେ ଆଇରନ୍, ଫୋଲିକ୍ ଏସିଡ୍ ଭଳି ପୋଷକ ତତ୍ତ୍ୱରେ ଭରପୂର ଜିନିଷ ଖାଦ୍ୟରେ ସାମିଲ କରିବା ଉଚିତ।

## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ



ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏ। ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଈ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।

# ଭାରତ ହାରିଲା



ନୂଆଦିଲ୍ଲୀ, ୨୨/୨: ସୁପର-୮ ମୁକାବିଲାର ପ୍ରଥମ ମ୍ୟାଚ୍‌ରେ ଭାରତର ବଡ଼ ପରାଜୟ । ଟିମ ଇଣ୍ଡିଆକୁ ୭୬ ରନରେ ହରାଇଲା ଦକ୍ଷିଣଆଫ୍ରିକା । ୧୧୧ ରନରେ ଅଲଆଉଟ୍ ହେଲା ଭାରତ । ୧୮୮ ରନର ବିଜୟ ଲକ୍ଷ୍ୟ ଦେଇଥିଲା ଦକ୍ଷିଣଆଫ୍ରିକା । ତେବେ ଭାରତ ମାତ୍ର ୧୧୧ ରନରେ ସମସ୍ତ ୱିକେଟ୍ ହରାଇଛି । ଦଳ ପକ୍ଷରୁ ଶିଭମ ଦୁବେ ସର୍ବାଧିକ ୪୪ ରନ କରିଛନ୍ତି । ବାକି କେ?ଣସି ଖେଳାଳି ଆଜିର ମ୍ୟାଚ୍‌ରେ ବଡ଼ ପାଳି ଖେଳିପାରିନଥିଲେ । ଦଳର ୬ ଜଣ ଖେଳାଳି ଦୁଇ ଅଙ୍କ ମଧ୍ୟ ଛୁଇଁପାରିନାହାନ୍ତି ।

ଦକ୍ଷିଣଆଫ୍ରିକା ପକ୍ଷରୁ ମାର୍କୋ ୟାନସନ ସର୍ବାଧିକ ୪ ୱିକେଟ ଅକ୍ତିଆର କରିଥିବାବେଳେ କେଶବ ମହାରାଜ ୩ ୱିକେଟ ଅକ୍ତିଆର କରିଛନ୍ତି । ମାକ୍ରମ ଗୋଟିଏ ଏବଂ ବୋସ ୨ ଟି ୱିକେଟ୍ ନେଇଛନ୍ତି । ଆଜିର ମ୍ୟାଚ୍‌ରେ ମଧ ଅଭିଶେକ ଶର୍ମା ବଡ଼ ପାଳି ଖେଳିପାରିଲେନି । ସେ ୧୨ ବଲରୁ ମାତ୍ର ୧୫ ରନ କରିବାରେ ସକ୍ଷମ ହୋଇଥିଲେ । ସଞ୍ଜୁ ସାମସନ ଏହି ମ୍ୟାଚ୍‌ରେ ଫ୍ଲପ ହୋଇଥିଲେ ।

ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଭାରତ ଓ ଦକ୍ଷିଣଆଫ୍ରିକା ଟି-୨୦ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମେ ଟସ ଜିତି ଦକ୍ଷିଣଆଫ୍ରିକା ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। ଭାରତ ବୋଲିଂ କରିବାକୁ ପଡିଆକୁ ଓହ୍ଲାଇଥିଲା ପ୍ରଥମ ଇନିଂସରେ ଦକ୍ଷିଣଆଫ୍ରିକା ୭ ୱିକେଟ ହରାଇ ୧୮୭ ରନ ସଂଗ୍ରହ କରିଛି। ଭାରତକୁ ଜିତିବାକୁ ହେଲେ ୧୮୮ ରନ କରିବାକୁ ପଡିବ । ପ୍ରଥମ ଚ଼ାରି ଓଭରରେ ଦକ୍ଷିଣଆଫ୍ରିକା ୩ ୱିକେଟ୍ ହରାଇ ୨୦ ରନ୍ କରିଥିଲା। କିନ୍ତୁ ପରବର୍ତ୍ତି ସମୟରେ ଡେଭିଡ୍ ମିଲର୍ ଏବଂ ଡେୱାଲ୍ଡ ବ୍ରେଭିସ୍ ୫୦ ବଲ୍?ରେ ୯୭ ରନ୍ କରି ଦଳକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ମିଲର୍ ୩୫ ବଲ୍?ରେ ୬୩ ରନ୍ କରିଥିଲେ, ଯେତେବେଳେ ବ୍ରେଭିସ୍ ୨୯ ବଲ୍?ରେ ୪୫ ରନ୍ କରିଥିଲେ। ଭାରତ ପକ୍ଷରୁ ଜସପ୍ରିତ ବୁମରାହ ଟି-୨୦ ବିଶ୍ୱକପ୍?ରେ ଭାରତୀୟ ବୋଲରଙ୍କ ଦ୍ୱାରା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ।

## ବ୍ଲୁ ଲାଇନ କଟକ ୧୫ ତମ ଯୁବା ବାସ୍କେଟ୍‌ବଲ୍ ଚ଼ାମ୍ପିୟାନ



ଭୁବନେଶ୍ୱର, ୨୨।୨: ସନ୍‌ସାଇନ୍ ଯୁବା ସଙ୍ଗଠନ ଆନୁକୂଲ୍ୟରେ ଚ଼ଳିତ ବର୍ଷର ଟୁର୍ଣ୍ଣାମେଣ୍ଟଟ ଆଜି ଉଦଯାପନ ଦିନରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ବିଜେପି ନେତା ଜଗନ୍ନାଥ ପ୍ରଧାନ , ସମ୍ମାନିତ ଅତିଥି ରୂପେ ସୁଧିର କୁମାର ଶତପଥୀ, ଚ଼ନ୍ଦନ କୁମାର ପାଳିତ, ସଚ଼ିନନ୍ଦନ ନାୟକ, ବିଶ୍ୱପ୍ରସାଦ ମହାନ୍ତି,ପ୍ରଦୀପ ପ୍ରଜ୍ୱଳନ ସହ କ୍ୱାଟର ଫାଇନାଲର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ ।,ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ପାତ୍ର,ସଭାପତି ବିଶ୍ୱଜିତ ମହାନ୍ତି,ସଂପାଦକ ଦେବାଶିଷ ସବ୍ୟସାଚ଼ୀ ଚ଼କ୍ର ,ଆଦର୍ଶ ପଟ୍ଟନାୟକ ଅନନ୍ତ କିଶୋର ସାମଲ ପୂର୍ବତନ ମବକ୍ତ୍ରବସଭ ସୟଦ୍ ଜମିୟୀରୁ ରହମାନ, ଚ଼ିତ୍ତରଞ୍ଜନ ପ୍ରଧାନ, ପ୍ରଶାନ୍ତ ବେହେରା, ମିଥୁନ ବିଷୋୟୀ ଅଭିଜିତ ମହାପାତ୍ର, ମୁକେଶ କୈର ଅଚ୍ୟୁତ ବେହେରା,,ଉପସ୍ଥିତ ଥିଲେ ।ଶେଷରେ ଚ଼ାମ୍ପିୟାନ ବ୍ଲୁ ଲାଇନ ଚ଼ାମ୍ପିୟାନ ଟ୍ରଫି ସହ ନଗଦ ୩୦୦୦୦ ଟଙ୍କା। ରନରଶ୍ରପ ପୁରୀ ଟ୍ରଫି ସହ ନଗଦ ୨୦୦୦୦ ହଜାର ଓ ସେକେଣ୍ଡ ରନରର୍ଷପ ଭାବେ ପଶ୍ଚିମବଙ୍ଗ ମେଟ୍ରୋ ରେଲୱେ ଟ୍ରଫି ସହ ନଗଦ ୧୦୦୦୦ ଟଙ୍କା, ମାନ ଅଫ ମ୍ୟାଚ୍ ସାୟାଡ ଖାନ, ଟୁର୍ଣ୍ଣାମେଣ୍ଟର ବେଷ୍ଟ ପ୍ଲେୟାର ରାହୁଲ ପୁରସ୍କୃତ ହୋଇଥିଲେ, ଦୁଇ ବିଶିଷ୍ଟ ଖେଳାଳି ମାନ୍ୟତା ସିଂହ ଓ ଶ୍ରୀକାନ୍ତ ଖୁଣ୍ଟିଆ କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପଦେଷ୍ଟା ସରୋଜ ପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।



## ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କଲେ କାର୍ତ୍ତିକ

ନୂଆଦିଲ୍ଲୀ,୨୨।୨: ମୁମ୍ବାଇର କାର୍ତ୍ତିକ କର୍କେରା ମର୍ଯ୍ୟାଦାଜନକ ୧୧ତମ ନୂଆଦିଲ୍ଲୀ ମାରାଥନ୍ ବିଜୟୀ ହୋଇଛନ୍ତି। ସେ ମାତ୍ର ୨ ଘଣ୍ଟା ୧୩ ମିନିଟ୍ ୧୦ ସେକେଣ୍ଡ୍‌ରେ ୪୨.୨ କିଲୋମିଟର୍ ଅତିକ୍ରମ କରି ବିଜୟୀ ହେବା ସହ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅଲମ୍ପିଆନ୍ ଥୋନାକଲ୍ ଗୋପୀ ୨ ଘଣ୍ଟା ୧୩ ମିନିଟ୍ ୧୨ ସେକେଣ୍ଡ୍‌ରେ ଏହି ଦୂରତ୍ୱ ଅତିକ୍ରମ କରିବା ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଆଉ ୩ ସେକେଣ୍ଡ୍ ବିଳମ୍ବରେ ପହଞ୍ଚିଥିବା ୨୦୨୪ର ଏସୀୟ ମାରାଥନ୍ ସ୍ୱର୍ଣ୍ଣ ପଦକ ବିଜେତା ମାନ୍ ସିଂ ତୃତୀୟ ସ୍ଥାନରେ ରହିଛନ୍ତି।

ଗୋପୀ ଓ ସିଂ ମଧ୍ୟ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଚ଼ଳିତ ବର୍ଷ ଜାପାନରେ ହେବାକୁ ଥିବା ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ ସମୟ ସୀମା ୨ ଘଣ୍ଟା ୧୫ ମିନିଟ୍ ୪ ସେକେଣ୍ଡ୍ ରଖାଯାଇଛି। ଅନ୍ୟପକ୍ଷରେ ନିର୍ମାବେନ୍ ଠାକୋର୍ ମହିଳା ବର୍ଗରେ ବିଜୟୀ ହୋଇଛନ୍ତି। ସେ ୨ ଘଣ୍ଟା ୪୧ ମିନିଟ୍ ୧୫ ସେକେଣ୍ଡ୍‌ରେ ଏହି ଦୂରତ୍ୱ ଅତିକ୍ରମ କରିଥିଲେ। ଏହା ସତ୍ତ୍ୱେ ସେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିପାରିନାହାନ୍ତି। ମହିଳା ବର୍ଗରେ ଏସୀୟ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ ସମୟସୀମା ୨ ଘଣ୍ଟା ୩୧ ମିନିଟ୍ ୫୨ ସେକେଣ୍ଡ୍ ରଖାଯାଇଛି।




## ୯୫ ରନରେ ଅଲଆଉଟ୍ ହେଲା ଶ୍ରୀଲଙ୍କା



ନୂଆଦିଲ୍ଲୀ, ୨୨/୨ : ସୁପର-୮ର ପ୍ରଥମ ମୁକାବିଲା । ପରାଜୟରୁ ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା । ଇଂଲଣ୍ଡ ବିପକ୍ଷ ପ୍ରଥମ ସୁପର-୮ ମୁକାବିଲାରେ ୯୫ ରନରେ ଅଲଆଉଟ୍ ହୋଇଛି ଦଳ । ଦଳର ୪ ଜଣ ଖେଳାଳିଙ୍କୁ ଛାଡ଼ିଦେଲେ ବାକି ଖେଳାଳି ଦୁଇଅଙ୍କ ମଧ୍ୟ ଛୁଇଁପାରିନଥିଲେ । ଦଳ ପକ୍ଷରୁ ସକାନା ସର୍ବାଧିକ ୩୦ ରନ୍ କରିଥିଲେ । ମେଣ୍ଡିସ ୧୩, ୱେଲାଲାଗେ ୧୦, ତିକ୍ଷାଣା ୧୦ ରନ୍ କରିଥିଲେ। ବାକି ଖେଳାଳି ସେମିତି ଆଖି ଦୃଶିଆ ପ୍ରଦର୍ଶନ କରିପାରିନଥିଲେ । ଇଂଲଣ୍ଡ ପକ୍ଷରୁ ଆର୍ଚ୍ଚର ୨, ଡସନ ୨, ରସିଦ ୨ ଓ ଜ୍ୟାକ୍ସ ୩ ୱିକେଟ ନେଇଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ଓଭର ମଧ୍ୟରେ ୯ ୱିକେଟ୍ ବିନିମୟରେ ୧୪୬ ରନ୍ କରିଥିଲା । ଲାଗୁଥିଲା ଶ୍ରୀଲଙ୍କା ସହଜରେ ଘରୋଇ ମାଟିରେ ବିଜୟ ହାସଲ କରିଦେବ । ମାତ୍ର ଦଳରେ କେଣସି ବ୍ୟାଟ୍ସମ୍ୟାନ ଇଂରେଜ ବୋଲରଙ୍କ ଆଗରେ ତିଷ୍ଠି ପାରିନଥିଲେ । ମାତ୍ର ୯୫ ରନରେ ଅଲଆଉଟ୍ ହୋଇଥିଲେ । ଇଂଲଣ୍ଡର ଓପନର ବ୍ୟାଟ୍ସମ୍ୟାନ ଫିଲ ସଲ୍ଟ ୬୨ ରନର ପାଳି ଖେଳିଥିଲେ । ୱିଲ୍ ଜ୍ୟାକ୍ସ ଏହି ମ୍ୟାଚ୍‌ରେ ୩ ୱିକେଟ ଅକ୍ତିଆର କରିଥିବାବେଳେ ୨୧ ରନ୍ ସଂଗ୍ରହ କରିଥିଲେ । ସେ ଏହି ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚ଼ିତ ହୋଇଥିଲେ ।

# ଶିଖରଙ୍କ ନୂଆ ଜୀବନସାଥୀ



ନୂଆଦିଲ୍ଲୀ,୨୨।୨: ଭାରତୀୟ କ୍ରିକେଟର ପୂର୍ବତନ ଖେଳାଳି ଶିଖର ଧୱନଙ୍କ ଘରେ ପୁଣି ଥରେ ବାଜିଛି ସାହାନାଇ । ପ୍ରଥମ ପତ୍ନୀଙ୍କ ଠାରୁ ଛାଡପତ୍ର ନେବା ପରେ ୪୦ ବର୍ଷରେ ଗବ୍ବର ପୁଣିଥରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଲମ୍ବା ସମୟ ଧରି ବିଦେଶୀ ଯୁବତୀ ସୋଫି ସାଇନଙ୍କୁ ଡେଟ୍ କରୁଥିଲେ ଶିଖର । କିଛି ଦିନ ତଳେ ହିଁ ସେ ଗାର୍ଲଫ୍ରେଣ୍ଡଙ୍କ ସହ ଏନଗେଜମେଣ୍ଟ୍ କରିଥିଲେ । ଦୁହେଁ ପ୍ରଥମଥର ଦୁବାଇରେ ଦେଖା ସାକ୍ଷାତ ହୋଇଥିଲେ । କିଛି ଦିନ ତଳେ ହିଁ ଦୁହିଁଙ୍କ ରୋକା ଏବଂ ସଙ୍ଗୀତ , ହଳଦୀ ସେରେମନି ହୋଇଥିଲା ଯାହାର ଫଟୋ ସୋଫି ଇନଷ୍ଟାଗ୍ରାମରେ ପୋଷ୍ଟ୍ କରିଥିଲେ । ତେବେ ୪୦ ବର୍ଷୀୟ ଧୱନ ଶନିବାର ଅର୍ଥାତ ୨୧ ଫେବ୍ରୁଆରିରେ ସୋଫିଙ୍କୁ ଜୀବନସାଥୀ କରିଛନ୍ତି । ଗବ୍ବରଙ୍କ ବିବାହରେ କ୍ରିକେଟର କିମ୍ବଦନ୍ତୀ ପହଞ୍ଚିଥିଲେ ଏବଂ ନବଦମ୍ପତିଙ୍କୁ ବିବାହର ଶୁଭେଚ୍ଛା ଜଣାଇଥିଲେ । ବିବାହରେ ରୋହିତ ଶର୍ମା ପତ୍ନୀ ରିତିକା ସଜଦେହଙ୍କ ସହିତ ପହଞ୍ଚିଥିବା ବେଳେ ସୁରେଶ ରୈନା,ଯୁଜବେନ୍ଦ୍ର ଚ଼ହଲଙ୍କ ଭଳି କ୍ରିକେଟର ମଧ ପହଞ୍ଚିଥିଲେ । ବିରାଟ୍ କୋହଲି ବିବାହରେ ପହଞ୍ଚି ନଥିଲେ ମଧ ଇନଷ୍ଟାଗ୍ରାମରେ ଶିଖରଙ୍କୁ ଶୁଭେଚ଼୍ଛା ଜଣାଇଥିଲେ । ସେ ଇନଷ୍ଟାରେ ଶିଖରଙ୍କ 'ମୁବାରକାଁ ଜଟ୍ ଜୀ' କହି ଅଭିନନ୍ଦନ ଜଣାଇଥିଲେ । ଇରଫାନ୍ ପଠାନ ଏବଂ ବିସିସିଆଇ ଉପାଧକ୍ଷ ରାଜୀବ ଶୁକ୍ଲା ମଧ ଏହି ବିବାହରେ ପହଞ୍ଚି ନବଦମ୍ପତିଙ୍କୁ ଶୁଭେଚ଼୍ଛା ଜଣାଇଥିଲେ । ଯାହାର ଫଟୋ ଶିଖରଙ୍କ ସୋସିଆଲ୍ ମିଡିଆ ଟିମ୍ ସେୟାର୍ କରିଥିଲେ ।

ତେବେ ଆୟରଲ୍ୟାଣ୍ଡ୍ ବାସିନ୍ଦା ସୋଫି ସାଇନ୍ ଏବଂ ପୂର୍ବତନ କ୍ରିକେଟର୍ ଶିଖର ଦୀର୍ଘ ସମୟ ଧରି ରିଲେସନସିପରେ ଥିଲେ । ଦୁହେଁ ସୋସିଆଲ୍ ମିଡିଆରେ ଅନେକ ସମୟରେ ରୋମାଣ୍ଟିକ୍ ଫଟୋ ସେୟାର୍ କରିଥା'ନ୍ତି । ସୋଫି ଶିଖରଙ୍କଠାରୁ ୫ ବର୍ଷ ସାନ । ତେବେ ଏହା ପୂର୍ବରୁ ଗବ୍ବର ୨୦୧୨ରେ ନିଜ ଠାରୁ ୧୦ ବର୍ଷ ବଡ ଅଷ୍ଟ୍ରେଲିଆର ଆୟଶା ମୁଖର୍ଜୀଙ୍କୁ ବିବାହ କରିଥିଲେ ଏବଂ ୨୦୧୪ ରେ ଦୁହିଁଙ୍କ ପୁଅ ଜୋରାୱର୍ ଜନ୍ମ ହୋଇଥିଲେ । ଆୟଶା ଏବଂ ଶିଖରଙ୍କ ପୁଅ ଜୋରାୱରକୁ ଆଇପିଏଲ୍ ଲିଗ୍ ସମୟରେ ଅନେକଥର ଷ୍ଟାଡିୟମରେ ଦେଖାଯାଇଛି । ବିବାହର କିଛି ବର୍ଷ ପରେ ଆୟଶା ଏବଂ ଶିଖରଙ୍କ ଭିତରେ ମତଭେଦ ହେବା କାରଣରୁ ଦୁହେଁ ଅଲଗା ହେବା ପାଇଁ ନିଷ୍ପତ୍ତି ନେଇଥିଲେ । ଛାଡପତ୍ର ପରେ ଏବେ ଶିଖର ପୁଣିଥରେ ସୋଫିଙ୍କ ହାତ ଧରିଛନ୍ତି ।

## ବୁଦ୍ଧ ସର୍କିଟକୁ ଫେରିବ ଫର୍ମୁଲା-୧



ନୂଆଦିଲ୍ଲୀ,୨୨।୨: ଭାରତକୁ ଫେରିବ ଫର୍ମୁଲା-୧ ରେସ୍। ଏଭଳି ଆଶା ପୁଣି ଉଦ୍‌ରେକ ହୋଇଛି । ନୂଆଦିଲ୍ଲୀର ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟ୍‌ରେ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ୩ ଋତୁରେ ଇଣ୍ଡିଆ ଫର୍ମୁଲା-୧ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇଥିଲା । କିନ୍ତୁ ସରକାରୀ ଶୁଳ୍କ ଓ ପ୍ରଶାସନିକ ଅସହଯୋଗ କାରଣରୁ ଆର୍ଥିକ ସଙ୍କଟ ଉପୁଜିବାରୁ ଏହା ବନ୍ଦ ହୋଇଯାଇଥିଲା। ଭାରତରେ ଫର୍ମୁଲା-୧ର ଗୋଟିଏ ରେସ୍ ପାଇଁ ବର୍ଷକୁ ୨୦୦ରୁ ୬୦୦ କୋଟି ଆମେରିକୀୟ ଡଲାର୍‌ର ଆବଶ୍ୟକତା ପଡିଥାଏ। ଏବେ କିନ୍ତୁ ଭାରତ ସରକାରଙ୍କ ଆଗ୍ରହ କାରଣରୁ ବିଶ୍ୱର ଏହି ସର୍ବୋଚ୍ଚ଼ ରେସିଂ ପ୍ରତିଯୋଗିତା ଫେରିବାକୁ ଯାଉଛି। କେନ୍ଦ୍ର କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏଥି ପାଇଁ ପ୍ରାରମ୍ଭିକ କଥାବାର୍ତ୍ତା ବି କରି ସାରିଛନ୍ତି। ଏଥି ସହ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚ଼ନା କରିଛନ୍ତି।

ନିକଟରେ ମନ୍ତ୍ରୀ ମାଣ୍ଡବୀୟ ଗ୍ରେଟର୍ ନୋଏଡାରେ ଥିବା ବୁଦ୍ଧ ଅନ୍ତର୍ଜାତୀୟ ସର୍କିଟ୍ ପରିଦର୍ଶନ କରିବା ସହ ଏହାର ଦାୟିତ୍ୱରେ ଥିବା ଯମୁନା ଏକ୍ସପ୍ରେସ୍‌ୱେ ଇଣ୍ଡଷ୍ଟ୍ରିଆଲ୍ ଡେଭଲପ୍‌ମେଣ୍ଟ୍ ଅଥରିଟି ସହ କଥାବର୍ତ୍ତା କରିଛନ୍ତି। ପୂର୍ବରୁ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଏହି ରେସ୍ ବେଳେ ଜେପି ଗ୍ରୁପ୍ ପ୍ରାୟୋଜକ ଥିଲେ ମଧ ଏବେ ଦେବାଳିଆ ଅବସ୍ଥାରେ ରହିଛି। ଆଦାନି ଗ୍ରୁପ୍ ଏବେ ଯୋଡି ହୋଇ ଫର୍ମୁଲା-୧ର ପ୍ରତ୍ୟାବର୍ତ୍ତନ ପଥକୁ ସୁଗମ କରିବ ବୋଲି ସୂଚ଼ନା ମିଳିଛି।

ଭାରତ ନିଜ ପ୍ରସ୍ତୁତି ସହ ଅଗ୍ରହ ଦେଖାଇବା ପରେ ବର୍ଷକୁ ୨୪ ରେସ୍ ଆୟୋଜନ କରି ଜାମ ଭିତରେ ଥିବା ଫର୍ମୁଲା-୧ କର୍ତ୍ତୃପକ୍ଷଠାରୁ ଏଥି ପାଇଁ ଅନୁମୋଦନ ବି ଆଣିବାକୁ ପଡିବ। ଫର୍ମୁଲା-୧ ବିଶ୍ୱବ୍ୟାପୀ ପ୍ରଶଂସକଙ୍କୁ ଆକର୍ଷିତ କରୁଥିବାରୁ ମଧ୍ୟପ୍ରାଚ଼୍ୟରେ ଥିବା ବୁଦ୍ଧ ସର୍କିଟ ବି ଏହି ଧାରାରେ ଯୋଡି ହୋଇପାରିବ। ପୂର୍ବ ୩ ଥର ମଧ ଏଠାରେ ଢେର ପ୍ରଶଂସକ ସାମିଲ ହୋଇଥିଲେ।

## ରାଧାନଗର କ୍ରିକେଟ ଟିମ ବିଜୟୀ



ଆଳି, ୨୨।୨ ଆଳି ବ୍ଲକ ତେଲିପାଟଣା ଳେପଡିଆ ଠାରେ ଗୌରହରୀ ସେବା ଟ୍ରଷ୍ଟ ଆନୁକୂଲ୍ୟ ରେ ଆଳିର ବରିଷ୍ଠ ସମାଜସେବୀ ସ୍ୱର୍ଗତ ଗୌରହରୀ ସାହୁ ଙ୍କ ସ୍ମୃତି ଉଦ୍ଦେଶ୍ୟ ରେ ଏକ କ୍ରିକେଟ ଟୁର୍ନାମେଣ୍ଟ ଧୂମଧାମ ରେ ଆୟୋଜନ ହୋଇଯାଇଛି। ଏହି କ୍ରିକେଟ ଟୁର୍ନାମେଣ୍ଟ ଉଦଘାଟନୀ ମ୍ୟାଚ଼ ରେ ରାଧାନଗର କ୍ରିକେଟ କ୍ଲବ ଓ ଗୌଡ଼ପାଟଣା କ୍ରିକେଟ କ୍ଲବ ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ମ୍ୟାଚ଼ ଦେଖିବାକୁ ମିଳିଥିଲା । ପ୍ରଥମେ ଗୌଡ଼ପାଟଣା କ୍ରିକେଟ ଟିମ ଟସ ଜିତି ରାଧାନଗର କ୍ରିକେଟ କ୍ଲବ କୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ ଦେଇଥିଲା ପ୍ରଥମେ ବ୍ୟାଟିଂ କରି ରାଧାନଗର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୫ ହରାଇ ୧୨୬ ରନ ସଂଗ୍ରହ କରିଥିଲା ବେଳେ ଜବାବରେ ଗୌଡ଼ପାଟଣା କ୍ରିକେଟ କ୍ଲବ ସମ୍ପୂର୍ଣ୍ଣ ୧୦ ଓଭୋର ଳେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୦ ରନ ସଂଗ୍ରହ କରିଥିଲା ରାଧାନଗର କ୍ରିକେଟ କ୍ଲବ ର ଅମରଜିତ ପାତ୍ର ଙ୍କ ବିସ୍ଫୋରକ ବ୍ୟାଟିଂ ଓ ସଫଳ ବୋଲିଂ ଫଳରେ ଟିମ ବିଜୟ ହାସଲ କରିଥିଲା ଫଳରେ ରାଧାନଗର କ୍ରିକେଟ କ୍ଲବ ବିଜୟ ଲାଭ କରିଥିଲା ଳେ ର ପ୍ରାରମ୍ଭ ରେ ସ୍ୱର୍ଗତ ଗୌରହରୀ ସାହୁ ଙ୍କ ସୁପୁତ୍ର ତଥା ବରିଷ୍ଠ ସମାଜସେବୀ ସୁଶାନ୍ତ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଆଳି ତହସିଲ ର ଅତିରିକ୍ତ ତହସିଲଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ନେମାରଙ୍କ ଅବସର ସଙ୍କେତ

ରିଓଡି ଜାନିରୋ: ବ୍ରାଜିଲର ଚ଼ର୍ଚ୍ଚିତ ଫୁଟ୍‌ବଲ୍ ତାରକା ନେମାର ଅବସର ସଙ୍କେତ ଦେଇଛନ୍ତି। ଏହି ୩୪ବର୍ଷୀୟ ଅଗ୍ରଭାଗ ଖେଳାଳି ଚ଼ଳିତବର୍ଷ ଶେଷ ଆଡକୁ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ଛାଡି ପାରନ୍ତି। ଏଥିନେଇ ବ୍ୟକ୍ତିଗତ ଭାବେ ସେ କିନ୍ତୁ କେଣସି ଆନୁଷ୍ଠାନିକ ସୂଚ଼ନା ଦେଇ ନାହାନ୍ତି। ବାରମ୍ବାର ଆହତ ହେବା ପରେ ନେମାର ଗତବର୍ଷ ଜାନୁଆରି ମାସରେ ନିଜ ପିଲାଦିନର କ୍ଲବ୍ 'ସାଣ୍ଟୋସ'କୁ ଫେରିଥିଲେ। ଏହି ଦଳର ଗତ ୫ଟି ମ୍ୟାଚ୍‌ରେ ୫ଟି ଗୋଲ୍ ବି ଦେଇଥିଲେ। ତେବେ ପୁଣି ଥରେ ଆହତ ହୋଇ ଥିବାରୁ ଚ଼ଳିତବର୍ଷ ଆୟୋଜିତ ହେବାକୁ ଥିବା ବିଶ୍ୱକପ୍‌ରେ ସେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ସୂଚ଼ନାଯୋଗ୍ୟ ଯେ ବ୍ରାଜିଲ ଜାତୀୟ ଦଳ ପକ୍ଷରୁ ସେ ୭୯ ଗୋଲ୍ ଦେଇଛନ୍ତି। ହେଲେ ଅକ୍ଟୋବର ୨୦୨୩ରୁ ବ୍ରାଜିଲର ବରିଷ୍ଠ ଫୁଟ୍‌ବଲ୍ ଦଳରେ ସ୍ଥାନ ପାଇ ନାହାନ୍ତି। ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ମେକ୍ସିକୋ ଓ ଆମେରିକାରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଦଳରେ ଅନଫିଟ୍ ଖେଳାଳିଙ୍କୁ ସେ ଆଦେ ସୁଯୋଗ ଦେବେନି ବୋଲି ବ୍ରାଜିଲ ପ୍ରବନ୍ଧକ କାର୍ଲୋ ଆନ୍‌ସେଲୋଟି ଘୋଷଣା କରି ସାରିଛନ୍ତି। ଏଣୁ ନେମାରଙ୍କ ଫୁଟ୍‌ବଲ୍ ଜୀବନ ଚ଼ଳିତବର୍ଷ ହିଁ ଶେଷ ହୋଇଯିବାର ଯଥେଷ୍ଟ ଆଶଙ୍କା ରହିଛି।

## ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଲା ଭାରତ'ଏ'

ବ୍ୟାଙ୍କକ୍: ବାଂଲାଦେଶ 'ଏ'କୁ ୪୬ ରନ୍‌ରେ ପରାସ୍ତ କରି ଭାରତ 'ଏ' ଏସିସି ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ ଟାଇଟଲ୍ ବଜାୟ ରଖିଛି। ରବିବାର ଖେଳାଯାଇଥିବା ଫାଇନାଲ୍‌ରେ ଭାରତୀୟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା ଓ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୩୪ ରନ୍ କରିଥିଲା।

ଭାରତ 'ଏ' ପକ୍ଷରୁ ବ୍ରିନ୍ଦା ଦିନେଶ (୧୭ ବଲ୍‌ରୁ ୧୯) ଓ ନନ୍ଦିନୀ କଶ୍ୟପ୍ (୧୫ ବଲ୍‌ରୁ ୮ ରନ୍) ପ୍ରଥମ ୱିକେଟ୍ ଯୋଡ଼ିରେ ୩୦ ରନ୍ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ ବି ୩୦ରୁ ୪୪ ରନ୍ ମଧ୍ୟରେ ୪ଟି ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ତେଜଲ୍ ହସବନିସ୍ ( ୩୪ ବଲ୍‌ରୁ ୫୧ରନ୍) ଓ ରାଧା ଯାଦବ (୩୦ ବଲ୍‌ରୁ ୩୬ ରନ୍) ୬୯ ରନ୍‌ର ଏକ ଉପଯୋଗୀ ଭାଗୀଦାର କରି ଦଳୀୟ ସ୍କର୍‌କୁ ଏକ ସମ୍ମାନଜନକ ସ୍ଥିତିକୁ ନେଇଯାଇଥିଲେ।

ବାଂଲାଦେଶ'ଏ' ପକ୍ଷରୁ ଫାହିମା ଖାତୁନ ୨୫ ରନ ବିନିମୟରେ ୪ଟି ୱିକେଟ୍ ନେଇଥିଲେ। ଜବାବରେ ବାଂଲାଦେଶ'ଏ' ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯.୧ ଓଭରରେ ମାତ୍ର ୮୮ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ସମିମା ସୁଲତାନା ୨୦ ରନ୍ କରିଥିବାବେଳେ ସରମିନ୍ ସୁଲତନା ୧୮ ରନ୍ କରିଥିଲେ। ଭାରତ ପକ୍ଷରୁ ପ୍ରେମା ରାୱତ୍ ୧୨ ରନ୍ ବିନିମୟରେ ୩ଟି ୱିକେଟ୍ ନେଇଥିବାବେଳେ ସୋନିଆ ମେଣ୍ଢିଆ ଓ ତନୁଜା କନଓ୍ୱେର୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅର୍ଦ୍ଧଶତକ ଅର୍ଜନ କରିଥିବା ତେଜଲ୍ ହସବନିସ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _
Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ